# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୯ ◆ ଭୁବନେଶ୍ୱର ◆ ସୋମବାର ◆ ଜୁଲାଇ ୨୭ରୁ ଅଗଷ୍ଟ ୦୨, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-49 ◆ Bhubaneswar ◆ Monday ◆ July 27 to August 02, 2026 ◆ Page-8 ◆ Price Rs.4.00


## ଜ୍ୟୋତିର୍ମୟୀଙ୍କୁ ଇଣ୍ଡିଆନ୍ ଆଇଡଲ୍ ମୁକୁଟ

ଭୁବନେଶ୍ୱର: ଦୀର୍ଘ ୧୦ ମାସର ଯାତ୍ରା ପରେ ଶେଷରେ ଉଦ୍‌ଯାପିତ ହୋଇଛି ଗୀତ ଭିତ୍ତିକ ରିଆଲିଟି ସୋ 'ଇଣ୍ଡିଆନ୍ ଆଇଡଲ୍-୧୬'। ଓଡ଼ିଶାର ୨୪ ବର୍ଷୀୟା ଜ୍ୟୋତିର୍ମୟୀ ନାୟକ ଚଳିତ ସଂସ୍କରଣର ବିଜେତା ଭାବେ ଟ୍ରଫି ହାତେଇଛନ୍ତି। ଅନ୍ୟପଟେ ଜବଲପୁରର ତନିଷ୍କ ଶୁକ୍ଲା ପ୍ରଥମ ରନର୍ସ-ଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ବିଜୟୀ ହେବା ପରେ ଜ୍ୟୋତିର୍ମୟୀ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ନିଜର ଏହି ସଫଳତାର ଶ୍ରେୟ ସେ ମ୍ୟୁଜିକ୍ ଥେରାପି ମାଧ୍ୟମରେ ସୁସ୍ଥ କରିଥିବା କ୍ୟାନ୍ସର୍ ପୀଡ଼ିତମାନଙ୍କୁ ଦେଇଛନ୍ତି। ଶ୍ରେୟା ଘୋଷାଲ, ବିଶାଳ ଦାଦଲାନି ଏବଂ ବାଦଶାହ ଏହି ୧୬ଶ ସଂସ୍କରଣର ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଥର ଶୋ'ର ଥିମ୍ 'ୟାଦୋଁ କି ପ୍ଲେ-ଲିଷ୍ଟ' ଦର୍ଶକଙ୍କ ମନକୁ ଏତେ ଛୁଇଁଥିଲା ଯେ, ଦୁଇଥର ତିନି ମାସ ଲେଖାଏଁ ଏହାର ଅବଧି ବୃଦ୍ଧି କରାଯାଇଥିଲା।





ଶୋ'ର ୧୦ ମାସର ଅନୁଭୂତି ବାବଦରେ କହିବାକୁ ଯାଇ ଜ୍ୟୋତିର୍ମୟୀ କହିଛନ୍ତି, 'ଏହି ଯାତ୍ରା ପ୍ରାୟ ଗୋଟିଏ ବର୍ଷର ଥିଲା। ମୁଁ ଗତବର୍ଷ ସେପ୍ଟେମ୍ବର ୧୪ରେ ମୁମ୍ବାଇ ଆସିଥିଲି। ଏହି ସମୟ ମୋ ପାଇଁ ବେଶ୍ ସ୍ମରଣୀୟ ଥିଲା ଏବଂ ଟ୍ରଫି ଜିତିବା ପରେ ମୋର ପରିଶ୍ରମ ସଫଳ ହୋଇଛି। ମୁଁ କେବେ ବି ପୁରସ୍କାର ରାଶି କଥା ଭାବି ନଥିଲି; କେବଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ଏବଂ ବିଚାରକଙ୍କଠାରୁ ଭଲ ପ୍ରଶଂସା ପାଇବା ମୋର ଲକ୍ଷ୍ୟ ଥିଲା। ଟଙ୍କା କଥା ଆଗରୁ ଚିନ୍ତା କରି ନଥିବାରୁ ଏହି ଅର୍ଥକୁ କେଉଁଠି ବ୍ୟବହାର କରିବି, ସେ ବିଷୟରେ ଏବେ ଚିନ୍ତା କରିବି।ଏହି ଯାତ୍ରାର ଭଲ ଓ ଖରାପ ସମୟ ବିଷୟରେ ସେ କହିଛନ୍ତି, 'କେତେକ ପ୍ରସିଦ୍ଧ ଓ କାଳଜୟୀ ଗୀତ ଗାଇବା ଏବଂ ସେଗୁଡ଼ିକ ଦର୍ଶକଙ୍କ ଆଦୃତ ହେବା ମୋ ପାଇଁ ସବୁଠୁ ଖୁସିର ମୁହୂର୍ତ୍ତ ଥିଲା। ଏଲିମିନେସନ୍ ସମୟରେ ତଳେ ରହିବା ମୋ ପାଇଁ କଷ୍ଟକର ଥିଲା, ହେଲେ ଦର୍ଶକଙ୍କ ପ୍ରଚୁର ଭୋଟ୍ ମୋତେ ଆଗକୁ ବଢ଼ିବାକୁ ସାହସ ଦେଇଥିଲା ଏବଂ ମୁଁ ପରିଶ୍ରମ ଜାରି ରଖିଥିଲି। 'ଜ୍ୟୋତିର୍ମୟୀଙ୍କ ଯାତ୍ରଜ୍ୟୋତିର୍ମୟୀ ପ୍ରାରମ୍ଭରୁ ସଙ୍ଗୀତ ପ୍ରତି ଖୁବ୍ ଆକୃଷ୍ଟ ଥିଲେ। ଏହି ଶୋ'କୁ ଆସିବା ପୂର୍ବରୁ ସେ ମୁଖ୍ୟତଃ ଭକ୍ତିସଙ୍ଗୀତ ଓ ଆଞ୍ଚଳିକ ଗୀତ ଗାଉଥିଲେ। ଶାସ୍ତ୍ରୀୟ ସଙ୍ଗୀତରେ ନିପୁଣା ଜ୍ୟୋତିର୍ମୟୀ ଜଣେ 'ମ୍ୟୁଜିକ୍ ଥେରାପିଷ୍ଟ' (ସଙ୍ଗୀତ ଚିକିତ୍ସକ) ଭାବେ କାର୍ଯ୍ୟ କରି ନିଜ କଣ୍ଠସ୍ୱର ମାଧ୍ୟମରେ ଲୋକଙ୍କୁ ସୁସ୍ଥ କରିବାରେ ସାହାଯ୍ୟ କରୁଥିଲେ। ଇଣ୍ଡିଆନ୍ ଆଇଡଲ୍‌ରେ ଭାଗ ନେଇ ବିଜେତା ହୋଇଥିବା ସେ ପ୍ରଥମ ଓଡ଼ିଆ ଝିଅ।

## ଖୁବ୍ ଶୀଘ୍ର ମୋଦୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

### ଶକ୍ତିକାନ୍ତ ଦାସଙ୍କୁ ମିଳିପାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଓ ପୁନର୍ଗଠନ କରିପାରନ୍ତି ବୋଲି ଜାତୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି



ସମ୍ପ୍ରସାରଣରେ କିଛି ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀଙ୍କୁ ବିଦାୟ ଦିଆଯାଇପାରେ ଓ ସେମାନଙ୍କ ସ୍ଥାନରେ ଅନେକ ନୂଆ ମୁହଁଙ୍କୁ ସୁଯୋଗ ମିଳିପାରେ ବୋଲି ସୂତ୍ରରୁ ସଙ୍କେତ ମିଳୁଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଶିଷ୍ଟ ଅର୍ଥନୀତିବିଦ ତଥା ଦେଶର ଆର୍ଥିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଥିବା ଶକ୍ତିକାନ୍ତ ଦାସଙ୍କ ନାମକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ସୂତ୍ର ଅନୁସାରେ, ତାଙ୍କୁ କେନ୍ଦ୍ରମନ୍ତ୍ରୀ ଭାବେ ସାମିଲ କରାଯିବାର ସମ୍ଭାବନା ରହିଥିବାବେଳେ ତାଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ମଧ୍ୟ ଦିଆଯାଇପାରେ।

ଶକ୍ତିକାନ୍ତ ଦାସ ଦେଶର ଆର୍ଥିକ କ୍ଷେତ୍ରରେ ଜଣେ ଦକ୍ଷ ପ୍ରଶାସକ ଭାବେ ପରିଚିତ। କେନ୍ଦ୍ର ସରକାରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବା ସହିତ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ମଧ୍ୟ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ଆର୍ଥିକ ପରିଚାଳନା, ନୀତି ନିର୍ଦ୍ଧାରଣ ଓ ପ୍ରଶାସନିକ ଦକ୍ଷତା ଦୃଷ୍ଟିରୁ ସେ କେନ୍ଦ୍ର ସରକାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚୟନ ହୋଇପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ପ୍ରକାଶ କରୁଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬: ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଦେଲେ ମୀରାବାଇ ଚାନୁ




ଗ୍ଲାସ୍‌ଗୋ(ଏଜେନ୍ସି): ଭାରତର ଷ୍ଟାର୍ ଭାରୋତ୍ତୋଳକ ଏବଂ ଅଲିମ୍ପିକ୍ ପଦକ ବିଜେତା ମୀରାବାଇ ଚାନୁ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଛନ୍ତି। ମହିଳା ୪୮ କେଜି ବର୍ଗରେ ଚାନୁ ସ୍ନାଚ୍‌ରେ ୪୮ କିଲୋ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୦୫ କିଲୋ ଏପରି ମୋଟ ୧୯୦ କିଲୋ ଭାର ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଲଗାତାର ତୃତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୮ ଏବଂ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହିଳା ୪୮ କେଜି ବର୍ଗରେ ଚାନୁ ୮୫ କିଲୋ ଭାରତ ଉଠାଇ ରେକର୍ଡ ବୁକ୍‌ରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ପ୍ରଥମେ ସେ ୮୨ କିଲୋ ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେକର୍ଡ କରିଥିଲେ। ତୃତୀୟ ପ୍ରୟାସରେ ସେ ସହଜ ଭାବେ ୮୫ କିଲୋ ଭାର ଉଠାଇ ନୂଆ ରାଜ୍ୟଗୋଷ୍ଠୀ ରେକର୍ଡ କରିଛନ୍ତି। ଏହା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ବର୍ତ୍ତମାନ ସୁଦ୍ଧା କୌଣସି ଖେଳାଳି ଦ୍ୱାରା ଉଠାଯାଇଥିବା ସର୍ବାଧିକ ଓଜନ। ଏହା କେବଳ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପର୍ଯ୍ୟନ୍ତ ସୀମିତ ନାହିଁ। ଏହା ରାଜ୍ୟଗୋଷ୍ଠୀ ଦେଶର କୌଣସି ଖେଳାଳିଙ୍କ ଦ୍ୱାରା ବିଶ୍ୱର କୌଣସି ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା (ବିଶ୍ୱ ଚାମ୍ପିଅନ୍‌ଶିପ୍, ଅଲିମ୍ପିକ୍ ଆଦି)ରେ ସ୍ଥାପିତ ସବୁଠୁ ବଡ଼ ରେକର୍ଡ।

## ଅବପାତର ରୂପନେଲା ଲଘୁଚାପ

ଭୁବନେଶ୍ୱର,(ଜା.ପ୍ର): ଅବପାତର ରୂପନେଲା ଲଘୁଚାପ। ଆହୁରି ୭ ଦିନ ପ୍ରବଳ ବର୍ଷା ସହ ୪୮ ଘଣ୍ଟା ପ୍ରବଳ ଛେଚିବ। ଉତ୍ତର ପଶ୍ଚିମ ବଙ୍ଗୋପସାଗରର ତତସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇଥିବା ବେଳେ ରବିବାର ସକାଳେ ଅବପାତରେ ପରିଣତ ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଏବ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି । ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି।

ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପାରାଦୀପ ଓ ସାଗର ଦୀପ ମଧ୍ୟ ଦେଇ ଅତିକ୍ରମ କରିବାର ସମ୍ଭାବନା ରହିଛି । ଯାହାର ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ଥିବା ବେଳେ ତିନି ଦିନ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ଅନୁଗୁଳ ଏବଂ ଢେଙ୍କାନାଳ ଆଦି ୬ଟି ଜିଲ୍ଲାକୁ ଭୀଷଣ ବର୍ଷା ବା ଅତ୍ୟଧିକ ପ୍ରବଳ ବର୍ଷା ସମ୍ଭାବନାକୁ ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି । ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଥିବାବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ପରି ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୧ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ବିଭିନ୍ନ ଜିଲ୍ଲାକୁ ହଳଦିଆ ଓ କମଳା ଚେତାବନୀ ଦେଇଛି ବିଭାଗ।

ଜାତୀୟ ଚେତନା
JATIYA CHETANA



# ଭୁବନେଶ୍ୱରର 'କ୍ୟାଚ୍ ଦି ରେନ୍' ଅଭିଯାନକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

## 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ କଲେ ସମ୍ବୋଧନ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । ଦେଶ ଓ ଦୁନିଆରେ ଚର୍ଚ୍ଚିତ ଏହି ରେଡିଓ କାର୍ଯ୍ୟକ୍ରମର ଏହା ଥିଲା ୧୩୬ତମ ଅଧ୍ୟାୟ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କାର୍ଗିଲ ଦିବସ ଉପରେ ଆଲୋକପାତ କରିବା ସହ ଓଡ଼ିଶାର କଥା ମଧ୍ୟ କହିଛନ୍ତି ।



ପ୍ରଧାନମନ୍ତ୍ରୀ କହିଛନ୍ତି, '୪ ଜୁଲାଇରୁ ସାରା ଦେଶରେ 'କ୍ୟାଚ୍ ଦି ରେନ୍' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନ ଅଧୀନରେ ବର୍ଷା ଜଳ ସଂଗ୍ରହ, ଭୂତଳ ଜଳ ରିଚାର୍ଜ, ପୁରୁଣା ଜଳାଶୟଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରିବା ଏବଂ ବୃକ୍ଷରୋପଣକୁ ନୂଆ ଗତି ଦିଆଯାଉଛି । ଗାଁ ହେଉ କି ସହର, ପଞ୍ଚାୟତ ହେଉ କି ସାମାଜିକ ସଂଗଠନ, ସବୁଠାରେ ଲୋକମାନେ ଏଥିରେ ପୂର୍ଣ୍ଣ ଉତ୍ସାହର ସହ ଅଂଶଗ୍ରହଣ କରିଥିବାରୁ ମୋତେ ବହୁତ ଖୁସି ଲାଗୁଛି ।'

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରର ବର୍ଷାଜଳ ସଂରକ୍ଷଣ ଓ ଭୂତଳ ଜଳସ୍ତର ପୁନଃଭରଣ କ୍ଷେତ୍ରରେ ହୋଇଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି । ଏହି ଅଭିଯାନ ଅଧୀନରେ ଭୁବନେଶ୍ୱରରେ ବର୍ଷାଜଳ ସଂରକ୍ଷଣ ଏବଂ ଭୂତଳ ଜଳ ପୁନଃଭରଣ ପାଇଁ କରାଯାଇଥିବା ପଦକ୍ଷେପ ସକାରାତ୍ମକ ଫଳ ଦେଇଥିବା ପ୍ରଧାନମନ୍ତ୍ରୀ କହିଥିଲେ ।ମୋଦୀ କହିଥିଲେ ଯେ, ଦେଶର କେତେକ ସହରରେ 'କ୍ୟାଚ୍ ଦ ରେନ୍' ଅଭିଯାନ ଅତ୍ୟନ୍ତ ଉତ୍ସାହଜନକ ସଫଳତା ହାସଲ କରିଛି । ସେହି ସହରଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଥିବା ଉଲ୍ଲେଖ କରି ସ୍ଥାନୀୟ ପ୍ରୟାସକୁ ପ୍ରଶଂସା କରିଥିଲେ । ମଧ୍ୟପ୍ରଦେଶର ସିଦ୍ଧି, ମହାରାଷ୍ଟ୍ରର ନାସିକ୍, ଆନ୍ଧ୍ରର ନନ୍ଦିୟାଲ ଭଳି ଅଞ୍ଚଳରେ ପୁରୁଣା ଜଳଉତ୍ସ ଗୁଡିକର ପୁନରୁଦ୍ଧାର ହେଉଛି । ସେହିପରି ଭୁବନେଶ୍ୱର, ଛତିଶଗଡ଼ର କୋର୍ବା, ଆନ୍ଧ୍ରର ବିଜୟନଗରମ୍ ଏହି ଅଭିଯାନରେ ସାମିଲ ହୋଇଥିବା କହିଛନ୍ତି ପ୍ରଧାନମନ୍ତ୍ରୀ ।

କାର୍ଗିଲ ଦିବସ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ତାଙ୍କ 'ମନ କୀ ବାତ୍'ରେ ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ । ମୋଦୀ କହିଥିଲେ, "ଆମ ଜୀବନରେ କିଛି ତାରିଖ ଏମିତି ଥାଏ, ଯାହାକୁ ମନେ ରଖିବା ପାଇଁ ଆମକୁ କ୍ୟାଲେଣ୍ଡର ଦେଖିବାର ଆବଶ୍ୟକତା ପଡ଼ିନଥାଏ ।" ସେ ଆହୁରି କହିଥିଲେ, "ଏହି ଦିନ ଆମକୁ ଗର୍ବରେ ଭରିଦିଏ । ଏହି ଦିନ ଆମକୁ ଆମର ବୀର ସୈନିକମାନଙ୍କ ଅସାଧାରଣ ସାହସ ମନେ ପକାଇଦିଏ । କାର୍ଗିଲ୍‌ର ଉଚ୍ଚ ପାହାଡ଼, ଖରାପ ପାଗ, ଶତ୍ରୁର ଆହ୍ୱାନ ..ଏସବୁକୁ ଆମ ସୈନିକମାନେ ପ୍ରତ୍ୟେକ ପରିସ୍ଥିତିର ସାମ୍ନା କରିଥିଲେ । ତଥାପି ସେମାନଙ୍କ ମନୋବଳ ଯେକୌଣସି ଆହ୍ୱାନଠାରୁ ଅଧିକ ଥିଲା । ସେମାନେ ମାତୃଭୂମିର ରକ୍ଷା ପାଇଁ ଆପଣାର ସବୁକିଛି ଉତ୍ସର୍ଗ କରିଦେଲେ ।'

ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, 'ଏହି ବର୍ଷ ଏକ ସ୍ୱତନ୍ତ୍ର 'ଶୌର୍ଯ୍ୟ ବିଜୟ ଯାତ୍ରା' ଆୟୋଜନ କରାଯାଇଛି । ଏହି ମୋଟରସାଇକେଲ୍ ଯାତ୍ରା, ଯାହା ୧୪ ଜୁଲାଇରେ ଦିଲ୍ଲୀର ନ୍ୟାସନାଲ୍ ୱାର୍ ମେମୋରିଆଲ୍‌ରୁ ଆରମ୍ଭ ହୋଇଥିଲା, ତାହା ଦ୍ରାସ୍‌ସ୍ଥିତ କାର୍ଗିଲ୍ ୱାର୍ ମେମୋରିଆଲ୍ ପର୍ଯ୍ୟନ୍ତ ଯିବ । ଏହି ଯାତ୍ରା ସନ୍ଦେଶ ହେଉଛି 'ୱାନ୍ ରାଇଡ୍, ୱାନ୍ ନେସନ୍, ୱାନ୍ ସାଲ୍ୟୁଟ୍' (ଗୋଟିଏ ଯାତ୍ରା, ଗୋଟିଏ ରାଷ୍ଟ୍ର, ଗୋଟିଏ ସଲାମ୍) । ଏହି ଯାତ୍ରା ଆମକୁ ମନେ ପକାଇଦିଏ, ଦେଶ ପାଇଁ ଦିଆଯାଇଥିବା ବଳିଦାନକୁ କେବେହେଲେ ଭୁଲାଯାଇପାରିବ ନାହିଁ ।'

ଏଥିସହିତ ଭାରତର ବର୍ଦ୍ଧିତ ପ୍ରତରକ୍ଷା ସାମର୍ଥ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ ମୋଦୀ । ସେ କହିଥିଲେ, 'କିଛି ଦିନ ପୂର୍ବରୁ ଆଇଏନ୍‌ଏସ୍ ମହେନ୍ଦ୍ରଗିରିକୁ ଭାରତୀୟ ନୌସେନାରେ ସାମିଲ କରାଯାଇଛି । ଏହି ଆଧୁନିକ ଯୁଦ୍ଧପୋତ ଭାରତରେ ହିଁ ଡିଜାଇନ୍ ଏବଂ ନିର୍ମାଣ କରାଯାଇଛି । ଏଥିରେ ୭୫ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରାଯାଇଛି । ଏହା 'ଆତ୍ମନିର୍ଭର ଭାରତ'ର ବୃଦ୍ଧି ପାଉଥିବା ଶକ୍ତିର ପ୍ରତୀକ ।

ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, 'ଆଜି ପ୍ରତିରକ୍ଷା ଉତ୍ପାଦନ, ପ୍ରତିରକ୍ଷା ରପ୍ତାନି କିମ୍ବା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ରାଜନୈତିକ ସହଯୋଗ- ଏ ସବୁ କ୍ଷେତ୍ରରେ ଭାରତ କ୍ରମାଗତ ଭାବେ ନୂଆ ଉଚ୍ଚତା ଛୁଉଁଛି । ଏହି ମାସର ଆରମ୍ଭରେ ଇଣ୍ଡୋନେସିଆରେ ବ୍ରହ୍ମୋସ ଏବଂ ଅସ୍ତ୍ର ମିସାଇଲ୍ ପାଇଁ ଏକ ବଡ଼ ଡିଲ୍ (ଚୁକ୍ତି) ସ୍ୱାକ୍ଷରିତ ହୋଇଛି । ଭାରତର ପ୍ରତିରକ୍ଷା ସରଞ୍ଜାମ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବିଶ୍ୱର ବିଶ୍ୱାସ ବଢୁଛି ।'

ଶେଷରେ, ପ୍ରଧାନମନ୍ତ୍ରୀ କହିଥିଲେ, 'ଗତ କିଛି ବର୍ଷ ମଧ୍ୟରେ, ହର ଘର ତ୍ରିରଙ୍ଗା ଅଭିଯାନ ସମଗ୍ର ଦେଶକୁ ଏକ ଅଦ୍ଭୁତ ଆତ୍ମା ସହିତ ଯୋଡ଼ିଛି । ଏହି ବର୍ଷ ମଧ୍ୟ, ଆମକୁ ପୂର୍ଣ୍ଣ ଉତ୍ସାହର ସହିତ ହର ଘର ତିରଙ୍ଗା ଅଭିଯାନକୁ ଆଗକୁ ନେବାକୁ ପଡ଼ିବ । ଆମକୁ ପୂର୍ଣ୍ଣ ସମ୍ମାନର ସହିତ ଆମ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବାକୁ ପଡ଼ିବ ।'

# ଏଣିକି ପାକିସ୍ତାନ ସହ କେବଳ ପିଓକେ ସମ୍ପର୍କରେ ଆଲୋଚନା

ଦ୍ରାସ୍ (ଲଦାଖ),(ଏଜେନ୍ସି): ଭାରତର ଆଭିମୁଖ୍ୟ ପୂର୍ଣ୍ଣମାତ୍ରାରେ ସ୍ପଷ୍ଟ । ପାକିସ୍ତାନ ସହ କୌଣସି ଆଲୋଚନା ହେବ ନାହିଁ । ଆଉ ଯଦି ଆଲୋଚନା ହୁଏ ବି, ତେବେ କେବଳ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ପ୍ରସଙ୍ଗରେ ହିଁ ହେବ, ଯାହା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଯାହାକୁ ପାକିସ୍ତାନ ବେଆଇନ ଭାବେ ଅଧିକାର କରି ରଖିଛି । ରବିବାର ଜୁଲାଇ, ୨୬ରେ ଦେଶବ୍ୟାପୀ କାର୍ଗିଲ୍ ବିଜୟ ଦିବସର ୨୭ତମ ବାର୍ଷିକୀ ପାଳନ କରାଯାଉଥିବା ବେଳେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପଡୋଶୀ ଶତ୍ରୁ ରାଷ୍ଟ ପାକିସ୍ତାନ ଉଦ୍ଦେଶ୍ୟରେ ଏପରି କିଛି ବିବୃତି ଦେଇଛନ୍ତି । ସୂଚନାଯୋଗ୍ୟ ଆଜିର ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ଅନେକ ନେତାମାନେ ଦେଶର ବୀର ସହିଦ୍‌ଙ୍କ ସ୍ମୃତିଚାରଣ କରିଛନ୍ତି ଏବଂ କାର୍ଗିଲ୍ ବିଜୟ ଦିବସକୁ ଗର୍ବର ସହ ପାଳିଛନ୍ତି ।

ଦିନକ ପୂର୍ବେ ଅର୍ଥାତ୍ ଶନିବାର ସନ୍ଧ୍ୟାରେ ଦ୍ରାସ ସେକ୍ଟରରେ ପହଞ୍ଚି ସେଠାରେ ଭାରତୀୟ ସେନା ପକ୍ଷରୁ ଶୌର୍ଯ୍ୟ ସନ୍ଧ୍ୟାରେ ରାଜନାଥ ସାମିଲ ହୋଇଥିଲେ । ଆଜି ସେ ଏଠାରେ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ନିଜ ବକ୍ତବ୍ୟ ରଖିଛନ୍ତି । ଭାରତର ଶୌର୍ଯ୍ୟ ଓ ପ୍ରଗତି ସହ ପାକିସ୍ତାନର ତୁଳନାତ୍ମକ ବିଶ୍ଳେଷଣ କରିବା ପୂର୍ବକ ରାଜନାଥ କହିଛନ୍ତି, ଭାରତ ଇନୋଭେସନ୍ (ନବସୃଜନ)ର ରାସ୍ତା ଖୋଜୁଥିବା ବେଳେ ପାକିସ୍ତାନ ଅନୁପ୍ରବେଶର ରାସ୍ତା ଖୋଜୁଛି । ଭାରତ ଜାହାଜ (ଶିପ୍) ଡିଜାଇନ୍ କରୁଥିବା ବେଳେ ପାକିସ୍ତାନ ଟେରର (ଆତଙ୍କ) ଡିଜାଇନ୍ କରିବାରେ ଲାଗିଛି । ଭାରତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଢୁଥିବା ବେଳେ ପାକିସ୍ତାନ ଟେରର ଇକୋସିଷ୍ଟମ ତିଆରି କରୁଛି । ଭାରତ ସେମିକଣ୍ଡକ୍ଟର ପ୍ରସ୍ତୁତ କରୁଥିବା ବେଳେ ପାକିସ୍ତାନ ଆତ୍ମଘାତୀ ବିସ୍ଫୋରକ (ସୁସାଇଡ୍ ବମ୍ବର) ପ୍ରସ୍ତୁତ କରୁଛି । ଭାରତ ମହାକାଶକୁ ସାଟେଲାଇଟ୍ ପଠାଉଥିବା ବେଳେ ପାକିସ୍ତାନ ଆଜି ବି ସୀମା ପାରକୁ ଆତଙ୍କବାଦୀ ପଠାଇବାର କାମ କରୁଛି । ଭାରତ ବିଶ୍ୱକୁ ସଫ୍ଟୱେୟାର୍ ଯୋଗାଉଥିବା ବେଳେ ପାକିସ୍ତାନ ଦୁନିଆକୁ ସ୍ଲିପର ସେଲ୍ ଦେଉଛି । ଭାରତ ଡାଟା ସେଣ୍ଟର ତିଆରି କରୁଥିବା ବେଳେ ପାକିସ୍ତାନ ରେଡିକାଲ ସେଣ୍ଟର ଗଢୁଛି । ଭାରତ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଜରିଆରେ ବିଶ୍ୱକୁ ଯୋଡୁଥିବା ବେଳେ ପାକିସ୍ତାନ ହୱାଲା ଜରିଆରେ ଆତଙ୍କବାଦକୁ ଯୋଡୁଛି । ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଭାରତ ଏବଂ ପାକିସ୍ତାନର ରାସ୍ତା ସମ୍ପୂର୍ଣ୍ଣ ଅଲଗା । ଏଭଳି ପରିସ୍ଥିତିରେ ପାକିସ୍ତାନ ଯଦି ନିଜର ମନ୍ଦ ଉଦ୍ଦେଶ୍ୟ ସହ ଭାରତର ସମୃଦ୍ଧି ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରେ, ତେବେ ତାହାକୁ କଡ଼ା ଜବାବ ଦେବା ପାଇଁ ଭାରତୀୟ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ।

ରାଜନାଥ କହିଛନ୍ତି, ସମାଜର ସୀମାରୁ ଊର୍ଦ୍ଧ୍ୱକୁ ଉଠିବାର କ୍ଷମତା ହିଁ ସୈନିକମାନଙ୍କର ପ୍ରକୃତ ଶକ୍ତି ଏବଂ ଏହି ଶକ୍ତି ବଳରେ ହିଁ ଆମେ କାର୍ଗିଲ ଭଳି ଯୁଦ୍ଧ ଜିତିଥାଉ । କାର୍ଗିଲ ୱାର୍ ମେମୋରିଆଲ୍ ସ୍ଥାନିତ ଭାରତୀୟ ସହିଦ୍‌ଙ୍କ ତାଲିକା ବେଶ୍ ଲମ୍ବା । ଏଥିରେ ଦେଶର ସବୁପ୍ରାନ୍ତର ସବୁବର୍ଗର ବୀରପୁତ୍ର ଯେଉଁମାନେ କି ନିଜ ଦେଶମାତୃକାର ସେବା ପାଇଁ ହସିହସି ପ୍ରାଣବଳୀ ଦେଇଛନ୍ତି ସେମାନଙ୍କୁ ସମ୍ମାନପୂର୍ବକ ଲିପିବଦ୍ଧ କରାଯାଇଛି । ଯେଉଁ ଲୋକମାନେ ଦେଶକୁ ଭାଗ ଭାଗ କରିବାର ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କୁ ଏହି ସ୍ମାରକୀର କାନ୍ଥକୁ ଦେଖିବା ଉଚିତ୍ ।

# ଆଇଟି ବିଭାଗୀୟ ଅଧିକାରୀଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ପରାମର୍ଶ: ସାଧାରଣ ଲୋକଙ୍କୁ ଅଯଥା ହଇରାଣ କରନି

ମୁମ୍ବାଇ,(ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇନକମ୍ ଟ୍ୟାକ୍ସ (ଆୟକର) ବିଭାଗକୁ ସାଧାରଣ ଜନତାଙ୍କ ମଙ୍ଗଳ ପାଇଁ କାମ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ, ସାଧାରଣ ଲୋକଙ୍କୁ ହଇରାଣ ନକରି ସେମାନଙ୍କ କାମ ପାଇଁ ଗୋଟିଏ ଅଫିସରୁ ଅନ୍ୟ ଅଫିସକୁ ଦୌଡ଼ାନ୍ତୁ ନାହିଁ । ସୀତାରମଣ ରବିବାର, ୨୬ ଜୁଲାଇରେ ମୁମ୍ବାଇର ନରିମନ ପଏଣ୍ଟ ବିଜନେସ୍ ଡିଷ୍ଟ୍ରିକ୍ଟରେ ୧୩ ମହଲା ବିଶିଷ୍ଟ 'ଆୟକର ସିନ୍ଧୁ' ଭବନର ଉଦ୍‌ଘାଟନ କରିବାକୁ ଆସିଥିବା ବେଳେ ନିଜ ସମ୍ବୋଧନରେ ଏପରି କହିଛନ୍ତି । ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ସେ ଅଧିକାରୀମାନଙ୍କୁ ନିୟମ ଭାଙ୍ଗିବାକୁ କିମ୍ବା ସାଧାରଣ ନାଗରିକଙ୍କ ପାଇଁ ନିୟମ ବାହାରକୁ ଯାଇ କିଛି କରିବାକୁ କହୁନାହାନ୍ତି । ହେଲେ, ସେ ଦୁଃଖ ପ୍ରକାଶ କରିଥିଲେ ଯେ ଏହି ଦେଶରେ ଲୋକଙ୍କୁ ନିଜର ପ୍ରାପ୍ୟ ଓ ନ୍ୟାଯ୍ୟ ହକ୍ ପାଇବା ପାଇଁ ମଧ୍ୟ କଠିନ ପରିଶ୍ରମ କରିବାକୁ ପଡୁଛି । ସେହିପରି ଦେଶର ଜଣେ ଦାୟିତ୍ୱବାନ ନାଗରିକଙ୍କୁ ମଧ୍ୟ ସଚ୍ଚୋଟତା ତଥା ସାଧୁତା ଆଧାରରେ ଠିକ୍ ସମୟରେ ଟିକସ ପୈଠ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ସରକାରୀ ଜମି ଉପରେ ହେଉଥିବା ଜବରଦଖଲ ପ୍ରସଙ୍ଗରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରୀ ବିଭାଗଗୁଡ଼ିକର ଢିଲା ମନୋଭାବ ଉପରେ ଅର୍ଥମନ୍ତ୍ରୀ ସାର୍ବଜନୀନ ଭାବେ ଗଭୀର ନିରାଶା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିଭାଗଗୁଡ଼ିକର ଅବହେଳା ଯୋଗୁଁ ହିଁ ସରକାରୀ ଜମି ଜବରଦଖଲ ଏବଂ ଅତିକ୍ରମଣ ହେଉଛି । ସୀତାରମଣ ଜଣାଇଥିଲେ ଯେ ନରିମନ ପଏଣ୍ଟସ୍ଥିତ ଯେଉଁ ଜମିରେ ଆଜି ଏହି 'ଆୟକର ସିନ୍ଧୁ' ଭବନ ନିର୍ମାଣ କରାଯାଇଛି, ସେହି ଜମି ୧୯୭୩ ମସିହାରୁ ଆୟକର ବିଭାଗ ପାଖରେ ଥିଲା । ଏହା ସତ୍ତ୍ୱେ ଏତେ ବର୍ଷ ଧରି ସେହି ଜମି ଜବରଦଖଲ ହୋଇ ରହିଥିଲା । ଏହାକୁ ସେ କେବଳ ସିଷ୍ଟମ ଅର୍ଥାତ୍ ପ୍ରଶାସନିକ ଉଦାସୀନତା ବୋଲି କହିଛନ୍ତି । ସେହିପରି ମୁମ୍ବାଇ ଏବଂ ନବୀ ମୁମ୍ବାଇ ଅଞ୍ଚଳରେ ଅଧିକାରୀମାନେ ସରକାରୀ ଆବାସ ନପାଇ ଦୂରରେ ରହୁଥିବା ଯୋଗୁ ଦୈନିକ ସାମ୍ନା କରୁଥିବା ସମସ୍ୟା ଉପରେ ମଧ୍ୟ ଅର୍ଥମନ୍ତ୍ରୀ ଚିନ୍ତା ପ୍ରକାଶ କରିଛନ୍ତି ।

# ଏନ୍‌ଟିଏ ପରୀକ୍ଷାରେ ସଂସ୍କାର ଲକ୍ଷ୍ୟ, ଗଠନ ହେଲା ଟାସ୍କଫୋର୍ସ

ନୂଆଦିଲ୍ଲୀ,(ଏଜେନ୍ସି): କକ୍‌ରୋଚ୍ ଜନତା ପାର୍ଟି (ସିଜେପି)କୁ ଦେଇଥିବା ପ୍ରତିଶ୍ରୁତି ଦିଗରେ କେନ୍ଦ୍ର ସରକାର ଏବେ ପଦକ୍ଷେପ ଗ୍ରହଣ କରିବା ପ୍ରାରମ୍ଭ କରିଛନ୍ତି । ରିପୋର୍ଟ ଅନୁସାରେ ଏନ୍‌ଟିଏ(ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ପରୀକ୍ଷା ପ୍ରଣାଳୀର ବିଶେଷ କରି ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ସଂସ୍କାର ଏବଂ ବ୍ୟବସ୍ଥାରେ ସଂରଚନାତ୍ମକ ସୁଧାର ଆଣିବା ପାଇଁ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କୁ ନେଇ ଏକ ବହୁମୁଖୀ ଦଳ (ମଲ୍ଟିଡିସିପ୍ଲିନାରୀ ଗ୍ରୁପ୍) ବା ଟାସ୍କଫୋର୍ସ ଗଠନ କରାଯାଇଛି । ଏହି ଟାସ୍କଫୋର୍ସ ପାଇଁ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ (ଟେକ୍ନୋଲୋଜି ଏକ୍ସପର୍ଟ) ତଥା ଇନ୍‌ଫୋସିସ୍‌ର ପୂର୍ବତନ ସହସଂସ୍ଥାପକ ନନ୍ଦନ ନିଲେକାଣୀଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିବା ବେଳେ ଏଥିରେ ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ, ପୂର୍ବତନ ଆଇବି ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ଚେନ୍ନାଇର ନିର୍ଦ୍ଦେଶକ ଭି. କାମକୋଟି, ପୂର୍ବତନ ଶିକ୍ଷା ସଚିବ ଅନୀତା କରୱାଲ, ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ ମୀନାଙ୍କ ଭଳି ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି । ଦେଶରେ ଏନ୍‌ଟିଏ ଦ୍ୱାରା ଆୟୋଜିତ ନିଟ୍, ନେଟ୍, ଭଳି ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ହେଉଥିବା ବା ହୋଇଥିବା ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଏବଂ ବୈଷୟିକ ତ୍ରୁଟିକୁ ରୋକିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି । ପରୀକ୍ଷା ପ୍ରକ୍ରିୟାରେ ସୁଧାର, ପରୀକ୍ଷା ପରିଚାଳନା ପଦ୍ଧତିକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ ଏବଂ ତ୍ରୁଟିମୁକ୍ତ କରିବା ଏହାର ମୁଖ୍ୟ ଲକ୍ଷ୍ୟ । ଏତଦ୍‌ବ୍ୟତୀତ ପରୀକ୍ଷା ପାଇଁ ଆବେଦନ ପ୍ରକ୍ରିୟା ଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ପ୍ରସ୍ତୁତି, ନିରାପଦ ହସ୍ତାନ୍ତର ଏବଂ ଫଳାଫଳ ପ୍ରକାଶ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା (ଯେପରିକି ଏଆଇ, ଏନ୍‌କ୍ରିପସନ୍ ଏବଂ ଆଡଭାନ୍ସଡ୍ ଡାଟା ସିକ୍ୟୁରିଟି) ର ବ୍ୟବହାର କରିବା ପୂର୍ବକ ଏହି ଟାସ୍କଫୋର୍ସ ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ଆୟୋଜନ କରିବାରେ ସାହାଯ୍ୟ କରିବ । ପ୍ରଶ୍ନପତ୍ର ତିଆରି ହେବାଠାରୁ ନେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାରେ ଯେପରି କୌଣସି ପ୍ରକାର ଲିକ୍ ନ ହୁଏ, ସେଥିପାଇଁ ସାଇବର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରାଯିବ । ଏତଦ୍‌ବ୍ୟତୀତ ଏନ୍‌ଟିଏର ନିଜସ୍ୱ ପ୍ରଶାସନିକ ଢାଞ୍ଚା, କର୍ମଚାରୀଙ୍କ ଦାୟିତ୍ୱ ଏବଂ ଆଭ୍ୟନ୍ତରୀଣ କାର୍ଯ୍ୟଶୈଳୀରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଦିଗରେ ଏବଂ ଦେଶବ୍ୟାପୀ ପରୀକ୍ଷା କେନ୍ଦ୍ରଗୁଡ଼ିକର ଚୟନ ପ୍ରକ୍ରିୟା, ସିସିଟିଭି ସର୍ଭେଲାନ୍ସ ଏବଂ ଜାମର ସୁବିଧାର ସୂକ୍ଷ୍ମ ଯାଞ୍ଚ ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରିବା ଦିଗରେ ମଧ୍ୟ ଏହା କାର୍ଯ୍ୟ କରିବ । ମୋଟାମୋଟି ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସର ସୁପାରିଶ ଆଧାରରେ ଏନ୍‌ଟିଏରେ ବ୍ୟାପକ ସଂସ୍କାର ଅଣାଯିବ ।

ଜାତୀୟ ଚେତନା
JATIYA CHETANA



# ଇସ୍ତଫା ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,(ଜା.ପ୍ର): ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ତଥା ପ୍ରଶ୍ନପତ୍ର ଲିକ୍‌କୁ ନେଇ ଆରମ୍ଭ ହୋଇଥିବା ବିବାଦ ଶେଷରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଛି। ଦେଶର ଶିକ୍ଷା ମନ୍ତ୍ରୀ ପଦରୁ ଶନିବାର ଶ୍ରୀ ପ୍ରଧାନ ଇସ୍ତଫା ଦେଇଛନ୍ତି। ଶ୍ରୀ ପ୍ରଧାନଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।



ବିରୋଧୀ ଦଳମାନେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରୁଥିବା ବେଳେ ଜୁଲାଇ ୨୦ ତାରିଖରୁ ଜୋରଦାର ହୋଇଥିଲା ଆନ୍ଦୋଳନ। ଜନ୍ତରମନ୍ତରରୁ ଆନ୍ଦୋଳନ ସିଧା ପହଞ୍ଚିଥିଲା ପାର୍ଲାମେଣ୍ଟ ଯାଏଁ। ଏପରିକି ବିରୋଧୀଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନ ସମ୍ମୁଖରେ ମଧ୍ୟ ଆନ୍ଦୋଳନ କରିଥିଲେ। 'କକ୍ରୋଚ୍ ଜନତା ପାର୍ଟି' ଜନ୍ତର ମନ୍ତର ଠାରେ ଏକ ବିରୋଧ ପ୍ରଦର୍ଶନ ସହ ସରକାରଙ୍କ ନିକଟରେ ୩ଟି ଦାବି ରଖିଥିଲେ। ସେଥିମଧ୍ୟରେ ଥିଲା, ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଜୀବନ ହାରିଥିବ ନିଟ୍ ଆଶାୟୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଓ ଆନ୍ଦୋଳନରତ ଛାତ୍ରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଦାବି ରଖିଥିଲା ସିଜେପି। ଧର୍ମେନ୍ଦ୍ର ଶନିବାର ଇସ୍ତଫା ଦେବା ସହ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ତାଙ୍କ ଇସ୍ତଫା ପତ୍ର ଜାରି କରିଛନ୍ତି। ଯେଉଁଥିରେ ସେ ଦେଶର ଯୁବବର୍ଗ, ବିଦ୍ୟାର୍ଥୀ ଓ ପିତାମାତାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି। ବିଗତ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଛାତ୍ର, ଶିକ୍ଷକ ଓ ଶିକ୍ଷା ସୁଧାର ପାଇଁ ନିରନ୍ତର କାର୍ଯ୍ୟ କରିଆସିଥିବା ଦର୍ଶାଇ ସେ କହିଛନ୍ତି ଯେ, ଏକ ସଶକ୍ତ, ସମାବେଶୀ ଓ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା ହିଁ ଏକ ସମୃଦ୍ଧ ରାଷ୍ଟ୍ରର ପ୍ରଧାନ ଆଧାରଶିଳା ଅଟେ। ଗତ ୩ ମଇରେ ଅନୁଷ୍ଠିତ ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ସାମ୍ନାକୁ ଆସିବା ପରେ ସରକାର ଏହାକୁ ଗୁରୁତର ସହ ନେଇଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଘଟଣାର ସିବିଆଇ ଯାଞ୍ଚ ନିର୍ଦ୍ଦେଶ ଦିଆଯିବା ସହ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହାପରେ ପୁନଃ ପରୀକ୍ଷାର ତାରିଖ ଘୋଷଣା କରାଯିବା ସହ ଆସନ୍ତା ବର୍ଷରୁ ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଆଧାରିତ ମୋଡ୍‌ରେ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ଦେଶର ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ସରକାରୀ ବ୍ୟବସ୍ଥା, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ପିତାମାତାଙ୍କ ସହଯୋଗରେ ୨୧ ଜୁନ୍‌ରେ ପୁନଃ ପରୀକ୍ଷା ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଗତ ୧୬ ଜୁଲାଇରେ ଏହାର ସନ୍ତୋଷଜନକ ଫଳାଫଳ ମଧ୍ୟ ପ୍ରକାଶ ପାଇଛି, ଯେଉଁଥିରେ ଅନେକ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି।

ଶ୍ରୀ ପ୍ରଧାନ ନିଜ ଚିଠିରେ ଦୁଃଖର ସହ ଉଲ୍ଲେଖ କରିଛନ୍ତି ଯେ, ଏହି ସମଗ୍ର ପ୍ରକ୍ରିୟା ମଧ୍ୟରେ କିଛି ଦାୟିତ୍ୱବାନ ପଦବୀରେ ବସିଥିବା ବ୍ୟକ୍ତି ବିଦ୍ୟାର୍ଥୀଙ୍କୁ ବିଭ୍ରାନ୍ତ କରିବା ସହ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ବିଗତ ୧୦ ଦିନର ଘଟଣାକ୍ରମ ଓ ଜନ୍ତର-ମନ୍ତର ସମେତ ଦେଶର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ସେ ଅତ୍ୟନ୍ତ ବ୍ୟଥିତ। ଏହି ସ୍ଥିତିର କୌଣସି ରାଷ୍ଟ୍ରବିରୋଧୀ ଶକ୍ତି ଯେପରି ଅନୁଚିତ ଫାଇଦା ନ ନିଅନ୍ତୁ, ଦେଶର ଏକତା ବଜାୟ ରହୁ ଏବଂ କୋମଳମତି ପିଲାଙ୍କ ଭବିଷ୍ୟତ ଆଇନଗତ ଜଟିଳତା ଭିତରେ ନ ଫସୁ-ସେଥିପାଇଁ ସେ ନିଜ ପଦରୁ ଇସ୍ତଫା ଦେବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ନିରନ୍ତର ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ ସେ ମନ୍ତ୍ରୀପରିଷଦର ସହଯୋଗୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଷ୍ଟ୍ରସେବାକୁ ନିଜ ଜୀବନର ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଖ୍ୟା ଦେଇ, ଆଗାମୀ ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଭାରତ ମାତା, ଓଡ଼ିଶାର ଜନସାଧାରଣ ଏବଂ ଦେଶର ଯୁବସମାଜର ସେବାରେ ନିଜକୁ ନିରନ୍ତର ସମର୍ପିତ ରଖିବେ ବୋଲି ଶ୍ରୀ ପ୍ରଧାନ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

# ସୁନାବେଶରେ ଝଲସିଲେ ଦାରୁଦିଅଁ







ଭୁବନେଶ୍ୱର,(ଜା.ପ୍ର): ସୁବର୍ଣ୍ଣ ମୁକୁଟ, ସୁବର୍ଣ୍ଣ ଶ୍ରୀହସ୍ତ, ସୁବର୍ଣ୍ଣ ଶ୍ରୀପୟର। ଶଙ୍ଖ, ଚକ୍ର, ଗଦା। ଅଙ୍ଗେ ଅଙ୍ଗେ ଅପାର ଐଶ୍ୱର୍ଯ୍ୟ। ରଥ ଉପରେ ହୋଇଛି ମହାପ୍ରଭୁଙ୍କୁ ଦୁର୍ଲଭ ସୁନାବେଶ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ଶୁକ୍ରବାର ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ପରେ ଶନିବାର ରଥ ଉପରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ଦାରୁବିଗ୍ରହଙ୍କ ଏହି ଦୁର୍ଲଭ, ଅଲୌକିକ ଓ ଅବର୍ଣ୍ଣନୀୟ ବେଶ ଦେଖି ଭାବବିହ୍ୱଳ ହୋଇପଡ଼ିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଶ୍ରୀବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହୋଇ ଝଟକିଥିଲେ। ବିଶ୍ୱନିୟନ୍ତାଙ୍କ ଏହି ଅନନ୍ୟ ବେଶକୁ ସୁନାବେଶ, ରାଜରାଜେଶ୍ୱର ଓ ବଡ଼ତଡ଼ାଉ ବେଶ ବୋଲି କୁହାଯାଏ।

ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା।ମହାପ୍ରଭୁଙ୍କ ସୁନାବେଶ ନିମନ୍ତେ ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁନାବେଶ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା। ଅପରାହ୍ଣ ୫ଟା ୫ମିନିଟ ସମୟରେ ରଥକୁ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ଅଳଙ୍କାର ଆଣିବା ଆରମ୍ଭ ହୋଇଥିଲା। ପରେ ୫ଟା ୧୨ରୁ ସୁନାବେଶ ଆରମ୍ଭ ହୋଇ ୬ଟା ୪୬ରେ ବେଶ ଶେଷ ହୋଇଥିଲା। ଶ୍ରୀବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ର, ସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ହଳ ଓ ମୂଷଳ(ଆୟୁଧ), ବାହାଡ଼ା ମାଳି, ବାଘନଖି ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଲାଗି କରାଯାଇଥିଲା। ସେହିପରି ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ତଗଡ଼ି ୨ଟି(ଆୟୁଧ), ସେବତୀ ମାଳି ଆଦି ଅଳଙ୍କାର ଲାଗି କରାଯାଇଥିଲା।

ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୁଜ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ର, ସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ(ଆୟୁଧ), ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା ଓ କମରପଟି ଆଦି ରତ୍ନଅଳଙ୍କାର ଲାଗି କରାଯାଇଥିଲା। ଏହି ବେଶରେ ମେକାପ ନିଯୋଗ, ପୁଷ୍ପାଳକ, ଖୁଣ୍ଟିଆ ସେବକ ସାହାଯ୍ୟ କରିଥିଲେ। ରଥ ଉପରେ ଏମାନଙ୍କ ସହିତ ଦଇତାପତି ସେବକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଆଜି ଦ୍ୱିପ୍ରହର ଧୂପ ପରେ ଠାକୁର ମାନଙ୍କୁ ମଇଲମ କରାଯାଇଥିଲା। ମଇଲମ ପରେ ଖଣ୍ଡେ ଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୋଇଥିଲେ ଚତୁର୍ଦ୍ଧାମୂରତି। ପରେ ଫୁଟାଲାଗି ହୋଇଥିଲେ। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥିଲା। ବେଶରେ ଥାଇ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ନୀତି ଆଦି ସମ୍ପାଦନା ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ବଡ଼ଠାକୁର ଶ୍ରୀବଳଭଦ୍ର ଓ କାମ୍ପିଲ୍ୟବାସିନୀ ମା' ସୁଭଦ୍ରା ସୁବର୍ଣ୍ଣ ଅଳଙ୍କାର ଭୂଷିତ ହୋଇଥିଲେ। ଶ୍ରୀଜଗନ୍ନଥାଙ୍କ ବାଡ଼ରେ ଭିତିରଚ୍ଛ ମହାପାତ୍ର, ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କ ବାଡ଼ରେ ତଳିଚ୍ଛ ମହାପାତ୍ର ଓ ଦେବୀ ସୁଭଦ୍ରାଙ୍କ ବାଡ଼ରେ ପୁଷ୍ପାଳକ ସେବାୟତ ଯଥାକ୍ରାମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଉପରେ ଶ୍ରୀବିଗ୍ରହଙ୍କୁ ସୁନାବେଶ ଧାରଣ କରାଇଥିଲେ। ତିନି ଠାକୁର ଧାରଣ କରିଥିଲେ ଭିନ୍ନ ଭିନ୍ନ ଅଳଙ୍କାର। କୁହାଯାଏ ଯେ ଅନେକ ବର୍ଷ ଧରି ପ୍ରାୟ ୧୩୮ ପ୍ରକାର ସ୍ୱର୍ଣ୍ଣଅଳଙ୍କାର ମହାପ୍ରଭୁଙ୍କୁ ଲାଗି କରାଯାଉଥିଲା, କିନ୍ତୁ ସମୟକ୍ରମେ ସେଥିରେ କିଛି ପରିବର୍ତ୍ତନ ଆସିଛି। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଅସ୍ଥାୟୀ ଭଣ୍ଡାର ଗୃହରୁ ବା ଚାଙ୍ଗୁଡ଼ି ଘରରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକମାନେ ମାଜିଷ୍ଟ୍ରେଟ, ପୋଲିସ ଓ ଶ୍ରୀମନ୍ଦିର ଅଧିକାରୀଙ୍କ ଉପସ୍ଥିତିରେ ବେଶ ଅଳଙ୍କାର ଗଣତି କରି ଆଣିଥିଲେ।

ଚଳିତ ବର୍ଷ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ଲକ୍ଷାଧିକ ଭକ୍ତଙ୍କ ଗହଳିରେ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଥିଲା। ତେବେ ବେଳକୁ ବେଳ ଭକ୍ତଙ୍କ ଆଗମନ ବଢୁଥିବା ହେତୁ ରାତ୍ରି ୧୧ ଟା ପର୍ଯ୍ୟନ୍ତ ଭକ୍ତ ମହାପ୍ରଭୁଙ୍କ ସୁନାବେଶ ଦେଖିପାରିବେ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲେ। ବେଶ ଓଲାଗି ପରେ ବଡସିଂହାର ବେଶ ଓ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କୁ ସୁବିଧାରେ ସୁନାବେଶ ଦର୍ଶନ କରାଇବା ପାଇଁ ୩ ରଥର ଚାରିପାଖରେ ଲୁହା ବ୍ୟାରିକେଡ ଲଗାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ଭଳି ମାର୍କେଟ୍ ଛକରୁ ବଡ଼ଦାଣ୍ଡରେ ବାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ନନ୍ଦିଘୋଷ ରଥ ବାମପାର୍ଶ୍ୱରୁ ରଥ ଆଗ ଦେଇ ଦର୍ଶନ ପାଇଁ ଭକ୍ତ ମାନଙ୍କୁ ଛାଡ଼ି ତାଳଧ୍ୱଜ ରଥ ଡାହାଣ ପାର୍ଶ୍ୱରେ ଭକ୍ତଙ୍କ ପ୍ରସ୍ଥାନ ବ୍ୟବସ୍ଥା ହୋଇଥିଲା। ଭିଡ଼ ଓ ଅନୁପ୍ରବେଶ ରୋକିବାକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଂଯୋଗ ରାସ୍ତାକୁ ମଧ୍ୟ ପୁଲିସ ପ୍ରଶାସନ ଦ୍ୱାରା ସିଲ୍ କରାଯାଇଥିଲା।

ଅନ୍ୟପକ୍ଷେ ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆତୁର ହୋଇପଡିଥିଲେ ଭକ୍ତ। ଶ୍ରୀକ୍ଷେତ୍ର ଆସିବାକୁ ରାସ୍ତାରେ ପଛକୁ ପଛ ଲମ୍ବିଥିଲା ଗାଡ଼ିର ଲମ୍ବା ଲାଇନ। ମିଳିଥିବା ସୂଚନା ମୁତାବକ, ଚନ୍ଦନପୁରରୁ ପୁରୀ ପର୍ଯ୍ୟନ୍ତ ଭୟଙ୍କର ଭିଡ଼ ହୋଇଥିଲା। ଚନ୍ଦନପୁରରୁ ସାକ୍ଷୀଗୋପାଳ ପହଞ୍ଚିବାକୁ ପ୍ରାୟ ଦେଢ଼ଘଣ୍ଟା ଲାଗୁଥିଲା। ତେବେ ପ୍ରଶାସନ ପ୍ରସ୍ତୁତ କରିଥିବା ଅନେକ ପାର୍କିଂ ଭର୍ତ୍ତି ହୋଇଯାଇଥିଲା। ତେଣୁ କୌଣସି ଗାଡ଼ି ମାଳତିପାଟପୁରରୁ ସିଧା ସହର ଭିତରକୁ ଛଡ଼ା ଯାଉନଥିଲା। ଅନ୍ୟପକ୍ଷେ ଟ୍ରାଫିକ କଣ୍ଟ୍ରୋଲ ରୁମରୁ ସ୍ଥିତି ଅନୁଧ୍ୟାନ କରୁଥିଲେ ପୁଲିସ।

# ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଅଧରପଣା ଅର୍ପଣ

ଭୁବନେଶ୍ୱର,(ଜା.ପ୍ର): ସ୍ନାନପୂର୍ଣ୍ଣମୀଠାରୁ ଶୂନ୍ୟ ପଡ଼ିଛି ରତ୍ନସିଂହାସନ। ଇତି ମଧ୍ୟରେ ଜନ୍ମଦେବି ଲୀଳା ମଧ୍ୟ ସରିଛି। ଏଣିକି ରତ୍ନବେଦିକୁ ଫେରିବାର କ୍ଷଣ। ରଥଯାତ୍ରାର ଶେଷ ପର୍ବ 'ନୀଳାଦ୍ରି ବିଜେ'। ରତ୍ନମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିବେ ଦାରୁବ୍ରହ୍ମ। ଏହା ପୂର୍ବରୁ ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ରଥାରୂଢ଼ ଠାକୁରଙ୍କୁ ଅଧରପଣା ଅର୍ପଣ କରାଯାଇଛି। ଶ୍ରୀବିଗ୍ରହଙ୍କୁ ଭୋଗ ଲାଗିଲା ପରେ ହାଣ୍ଡିଗୁଡ଼ିକ ରଥ ଉପରେ ଗଡ଼ାଇ ଭଙ୍ଗାଯାଇଥିଲା। ରଥର ପାର୍ଶ୍ୱ ଦେବାଦେବୀ, ଅଶୀରର ତଥା ଚଣ୍ଡୀଚାମୁଣ୍ଡାଙ୍କ ଉଦ୍ଦେଶ୍ୟରେ ହାଣ୍ଡିଗୁଡ଼ିକୁ ଭଙ୍ଗା ଯାଉଥିବା କୁହାଯାଏ। ଠାକୁରଙ୍କୁ ପୂଜା କରାଯାଇଥିବା ପଣା ପାଇଲେ ଏମାନେ ସନ୍ତୁଷ୍ଟ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ରଥରୁ ଅଧରପଣା ବୋହି ବଡ଼ଦାଣ୍ଡରେ ଭାସିଥିଲା। ଅତ୍ୟନ୍ତ ଶ୍ରଦ୍ଧାର ସହ ଦର୍ଶନାର୍ଥୀମାନେ ବଡ଼ଦାଣ୍ଡରୁ ଠାକୁରଙ୍କ ପଣା ସଂଗ୍ରହ କରିଥିଲେ।

ମଧ୍ୟାହ୍ନ ଧୂପ ଶେଷ ହେବାପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥିଲା। ପ୍ରତି ରଥରେ ୩ହାଣ୍ଡି ହିସାବରେ ମୋଟ୍ ୯ହାଣ୍ଡି ଅଧର ପଣା ଭୋଗ କରାଯାଇଥିଲା। ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଇଥିଲା। ତେବେ ରଥଗୁଡ଼ିକରେ ଥିବା ପାର୍ଶ୍ୱଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କ ଉଦ୍ଧାର ନିମନ୍ତେ ପଣା ହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଆସିଛି। ଆଜି ସକାଳ ୮.୩୫ ରୁ ୮.୫୦ ମଧ୍ୟେ ମଙ୍ଗଳ ଆଳତି, ୮.୪୦ ରୁ ୯.୨୫ ମଇଲମ ଓ ତଡ଼ପଲାଗି, ୯.୩୦ରୁ ୯. ୫୦ତିନି ରଥ ଅବକାଶ ଶେଷ, ୯.୪୫ ରୁ ୧୦.୨୦ ତିନି ରଥ ବେଶ ଶେଷ, ୧୦.୪୫ ରୁ ୧୧.୨୫ ତିନି ରଥ ଗୋପାଳବଲ୍ଲଭ, ୧.୧୦ ରୁ ୧.୫୦ ସକାଳ ଧୂପ, ୨. ୧୦ ରୁ ୨.୨୦ରେ ତିନି ରଥ ମଇଲମ, ୨.୩୦ ରୁ ୩.୦୦ରେ ତିନି ରଥ ମହାସ୍ନାନ ଓ ସର୍ବାଙ୍ଗ, ୩.୦୦ ରୁ ୩.୨୫ ତିନିରଥ ବେଶଶେଷ, ୩.୩୦ ରୁ ୪.୦୫ରେ ତିନିରଥ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ପାଣିଆ ଆପଟ ସେବାୟତଙ୍କ ଦ୍ୱାରା ଛାଉଣି ମଠ କୂଅରୁ ଗରାରେ ପାଣି ଅଣାଯାଇ ଅଧରହାଣ୍ଡିରେ ଯୋଗାଯାଇଥିଲା। ମହାସୁଆର ସେବକ ସେଥିରେ କ୍ଷୀର, ସର, ଛାଚି, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର ଏବଂ ଜାଇଫଳ ପକାଇ ପଣା ପ୍ରସ୍ତୁତ କରିଥିଲେ। ପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପୂଜା ପାଠ କରିଥିଲେ। ପୂଜାପଣ୍ଡା ସେବକଙ୍କ ଦ୍ୱାରା ପଞ୍ଚୋପଚାରରେ ମହାପ୍ରଭୁଙ୍କୁ ପଣାଭୋଗ କରାଯାଇଥିଲା। ତେବେ ଅଧରପଣା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡଓଡ଼ିଆ ମଠ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। ଅଧରପଣା ହାଣ୍ଡି ଭଙ୍ଗାଯିବା ପରେ ରଥଉପର ପରିଷ୍କାର କରାଯାଇଥିଲା। ପରେ ମହାପ୍ରଭୁ ମହାସ୍ନାନ ହୋଇଥିଲେ। ପୁଣିଥରେ ଶ୍ରୀଜିଉଙ୍କୁ ବେଶ କରାଯାଇଥିଲା। ଏହା ପରେ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ, ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ଅନୁଷ୍ଠିତ ହୋଇଥିଲା। ଗରୁଡ଼ଶୟନ ନୀତି ପରେ ମହାପ୍ରଭୁଙ୍କୁ ରାତ୍ରପହୁଡ଼କରାଯାଇଥିଲା। ଅନ୍ୟପକ୍ଷରେ ଆସନ୍ତାକାଲି ଗୋଟି ପହଣ୍ଡିରେ ରଥାରୂଢ଼ ଠାକୁର ଶ୍ରୀମନ୍ଦିରକୁ ବିଜେ କରିବେ। ବଡ଼ଭାଇ, ଭଉଣୀଙ୍କ ସମେତ ସୁଦର୍ଶନଙ୍କ ପହଣ୍ଡି ସରିବ। ହେଲେ କାଳିଆ ସାଆନ୍ତଙ୍କ ବାଟ ଓଗାଳିବେ ଲକ୍ଷ୍ମୀ ସାଆନ୍ତାଣୀ। ପରେ ରସଗୋଲା ଦେଇ ଧର୍ମପତ୍ନୀଙ୍କ ମନ ତୋଷିବେ ଶ୍ରୀଜଗନ୍ନାଥ। ନୀଳାଦ୍ରି ବିଜେରେ ଠାକୁରଙ୍କ ଏସବୁ ମାନବୀୟ ଲୀଳା ଦେଖି ଧନ୍ୟ ହେବେ ଲକ୍ଷାଧିକ ଭକ୍ତ। ନୀଳାଦ୍ରିବିଜେ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଯାଇଛି। ଭୋର୍ ୪ଟାରେ ମଙ୍ଗଳ ଆଳତି, ଭୋର୍ ୪.୩୦ରେ ମଇଲମ୍ ଓ ତଡ଼ପଲାଗି, ୫ଟାରେ ଅବକାଶ, ୫. ୩୦ରେ ବେଶ ଶେଷ ହୋଇ ସକାଳ ୬.୩୦ ରୁ ୮.୦୦ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପରେ କେବଳ ଖେଚୁଡ଼ି ଭୋଗ, ୮. ୩୦ରେ ମଇଲମ, ୯. ୩୦ରେ ମହାସ୍ନାନ ଓ ସର୍ବାଙ୍ଗ, ୧୦. ୦୦ରେ ବେଶଶେଷ, ଦିବା ୧୦.୩୦ରୁ ୧୧.୩୦ ମଧ୍ୟେ ମଧ୍ୟାହ୍ନ ଧୂପ, ୧୧. ୪୫ ରୁ ୧୨. ୦୦ ମଧ୍ୟେ ମଇଲମ ଓ ବେଶ, ୧୨. ୧୫ରେ ସନ୍ଧ୍ୟାଆଳତି, ୧୨. ୩୦ ରୁ ୧. ୩୦ ମଧ୍ୟେ ସନ୍ଧ୍ୟାଧୂପ, ୧. ୩୦ ରୁ ୩. ୩୦ ମଧ୍ୟେ ଚାରମାଳ ବନ୍ଧା, ୩. ୩୦ ରେ ସିଂହାସନ ମାଜଣା, ୩. ୫୦ ରେ ପୁଷ୍ପାଞ୍ଜଳି, ୪. ୦୦ରେ ପହଣ୍ଡି ଆରମ୍ଭ, ରାତ୍ରି ୧୦. ୦୦ ରେ ପହଣ୍ଡି ଶେଷ, ୧୨. ୩୦ରେ ରୁନ୍ଧା ଶେଷ, ୧.୦୦ରେ ଦଇତାପତି ସର୍ବାଙ୍ଗ, ୧. ୧୦ରେ ଶ୍ରୀମୁଖ ଖଣ୍ଡୁଆ, ୧. ୧୫ ରୁ ୨. ୧୫ ଚରମାଳ ଫିଟା ନୀତି ଅନୁଷ୍ଠିତ ହେବ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ବର୍ଗର ରାଜନୀତି

ଗଣତନ୍ତ୍ରରେ ଆନ୍ଦୋଳନ ହେଉଛି ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବାର ଏକ ସାମ୍ବିଧାନିକ ମାଧ୍ୟମ। ମାତ୍ର ଆନ୍ଦୋଳନର ସଫଳତା କେବଳ ଦାବିହାସଲ ଉପରେ ନିର୍ଭର କରେନାହିଁ, ବରଂ ଆନ୍ଦୋଳନକାରୀଙ୍କ ଜୀବନଚର୍ଯ୍ୟା, ବେଶପୋଷାକ, ଖାଦ୍ୟପେୟ ଏବଂ ନୈତିକ ଆଚରଣକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥାଏ। ଧରି ନିଆଯାଉ, ଯନ୍ତରମନ୍ତରରେ ଆନ୍ଦୋଳନକାରୀମାନଙ୍କୁ ପରଷା ଯାଉଥିବା ଖାଦ୍ୟରେ 'ବର୍ଗର' ରହନ୍ତା, ତେବେ କ'ଣ ହୁଅନ୍ତା ? ତାହା ହେଲେ କ'ଣ ଖବରକାଗଜର ଶିରୋନାମା ହୁଅନ୍ତା କି ଯନ୍ତରମନ୍ତର ଏକ 'ପିକନିକ ସ୍ପଟ'ରେ ପରିଣତ ବା ଆନ୍ଦୋଳନ ପଥଭ୍ରଷ୍ଟ। ନିଜ ଆଦର୍ଶରେ ଏକନିଷ୍ଠ କୌଣସି ତରୁଣ ଯଦି ଆନ୍ଦୋଳନ ସ୍ଥଳରେ ନୃତ୍ୟ କରେ ବା ଗାଢ଼ ରଙ୍ଗର ପୋଷାକ ପିନ୍ଧେ ବା ଭୋକ ହେଲେ ବର୍ଗର ଖାଏ, ତେବେ ତା'ର ନୈତିକତା ସନ୍ଦିଗ୍ଧ ହେବାର ବିଷୟବସ୍ତୁ କି ? ଏହିସବୁ ମୌଳିକ ପ୍ରଶ୍ନ ଆଜିର ପରିବର୍ତ୍ତିତ ସାମାଜିକ ଓ ରାଜନୈତିକ ବାତାବରଣରେ ଗମ୍ଭୀର ଚିନ୍ତନର ଅପେକ୍ଷା ରଖେ।

ସମ୍ପ୍ରତି 'କକ୍ରୋଚ ଜନତା ପାର୍ଟି' ଦ୍ୱାରା ଆୟୋଜିତ ଆନ୍ଦୋଳନ ଦ୍ୱାରା ଦିଲ୍ଲୀ ତଥା ଦେଶବ୍ୟାପୀ ଏକ ବୈଦ୍ୟୁତିକ ବାତାବରଣ ସୃଷ୍ଟି ହୋଇଥିବା ବେଳେ ଏକ କୌତୂହଳପ୍ରଦ ଘଟଣା ସାମ୍ନାକୁ ଆସିଛି। ଦଳର ତିନି ମୂଳ ଓ ପ୍ରମୁଖ ପ୍ରବକ୍ତାଙ୍କ ମଧ୍ୟରୁ ଅନ୍ୟତମ ବିଜେତା ଦହିୟାଙ୍କୁ ଆନୁଷ୍ଠାନିକ ଭାବେ ନିଷ୍କାସିତ କରାଯାଇଛି। କାରଣ, ଗଲା କିଛି ଦିନ ତଳେ ସିଜେପିର ଡାକରାରେ 'ସଂସଦ ଚଲୋ' ପଦଯାତ୍ରା ସମୟରେ ପୁଲିସର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନ ଚାଲିଥିବା ବେଳେ ଦହିୟା ଏକ ଆଉଟଲେଟ୍‌ରେ ବର୍ଗର ଖାଉଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ କିଛି ତରୁଣ ତାଙ୍କୁ ସମାଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଦହିୟା ନିଜର ସ୍ପଷ୍ଟୀକରଣ ଦେଇ ଗୋଟିଏ ଭିଡିଓ ପ୍ରକାଶ କରିଥିଲେ, ଯାହା ଅଧିକ ବିବାଦ ସୃଷ୍ଟି କରି ତାଙ୍କ ବହିଷ୍କାରର ପଥକୁ ସୁଗମ କରିଥିଲା। ଆନ୍ଦୋଳନର ଗାମ୍ଭୀର୍ଯ୍ୟ, ଦୃଢ଼ତା ଓ ସୁଦୂରପ୍ରସାରୀ ପ୍ରଭାବ ଦୃଷ୍ଟିରୁ ଦହିୟାଙ୍କ ଆଚରଣ ଅଣସଂବେଦନଶୀଳ ମନେହେବା ସ୍ୱାଭାବିକ, କିନ୍ତୁ ନିଜ ସଫେଇରେ ସେ ଉଠାଇଥିବା ପ୍ରଶ୍ନଗୁଡ଼ିକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ।

ଦହିୟାଙ୍କ ମତରେ, ଆନ୍ଦୋଳନ ପ୍ରତି ତାଙ୍କର ସମ୍ପୂର୍ଣ୍ଣ ନିଷ୍ଠା ରହିଥିଲା; କିନ୍ତୁ ଦୀର୍ଘ ସମୟର ଅଖିଆ-ଅପିଆ ବ୍ୟସ୍ତତା ଓ କ୍ଷୁଧା ଯୋଗୁଁ ସେ ବର୍ଗରଟିଏ ଖାଇଥିଲେ। ସେ ପ୍ରଶ୍ନ କରିଥିଲେ ଯେ ସାମାଜିକ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ଯୁବକମାନେ ଅନାୟାସରେ ବର୍ଗର ଖାଇପାରୁଥିବା ବେଳେ, ସଚେତନ ଜଣେ ଆନ୍ଦୋଳନକାରୀ ବର୍ଗର ଖାଇଲେ ପ୍ରଶ୍ନ ଉଠୁଛି କାହିଁକି ? ଜଣେ ଚାଷୀ ପିଜ୍‌ଜା ଖାଇବାରେ ଅସୁବିଧା କେଉଁଠି ? ଯଦିଓ ବାସ୍ତବତାର କସୌଟିରେ ଦେଖିଲେ, ସୋନମ ୱାଙ୍ଗଚୁକଙ୍କ ସମେତ ଅନ୍ୟ ଆନ୍ଦୋଳନକାରୀଙ୍କ ଦୀର୍ଘ ଅନଶନ ଓ କରୁଣ ପରିସ୍ଥିତି ମଧ୍ୟରେ ଦହିୟା ସ୍ଥାନ, କାଳ, ପାତ୍ରର ବିବେଚନାକୁ ଏଡ଼ାଇ ଦେଇଥିଲେ। ପୂର୍ବରୁ ମଧ୍ୟ ଦିଲ୍ଲୀର ବର୍ଷାରେ ନୃତ୍ୟ କରିବା କିମ୍ବା ଉଜ୍ଜ୍ୱଳ ପୋଷାକ ପିନ୍ଧିବା ଯୋଗୁଁ ସେ ବିତର୍କିତ ହୋଇଥିଲେ। ନିଜକୁ ଜଣେ 'ନୃତ୍ୟରତ ଆନ୍ଦୋଳନକାରୀ' ଭାବେ ପରିଚିତ କରାଇବାକୁ ଚାହୁଁଥିବା ଦହିୟା, ଆମ ସମାଜରେ ଥିବା ଆନ୍ଦୋଳନକାରୀଙ୍କ ଶାସ୍ତ୍ରୀୟ ସଂଜ୍ଞାରେ ଖାପ ଖାଆନ୍ତି ନାହିଁ। ଭାରତରେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ମୂଳଭିତ୍ତି ଗାନ୍ଧୀପନ୍ଥୀ। ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଗାନ୍ଧୀଜୀ ନିଜକୁ ଦରିଦ୍ର ଭାରତୀୟଙ୍କ ସହ ଯୋଡ଼ିବା ପାଇଁ ସାଧାରଣ ଧୋତି ଓ ଛୋଟ ଚଦରକୁ ନିଜର ଆଭୂଷଣ କରିଥିଲେ। ତାଙ୍କର କଥା ଓ କାର୍ଯ୍ୟ ମଧ୍ୟରେ କୌଣସି ବ୍ୟବଧାନ ନ ଥିଲା। ସେହି ଗାନ୍ଧୀବାଦୀ ଆଦର୍ଶ ଯୋଗୁଁ ଆଜି ମଧ୍ୟ ଆନ୍ଦୋଳନକାରୀଙ୍କଠାରୁ ନିରାଡ଼ମ୍ବରତା ଓ ତ୍ୟାଗ ଆଶା କରାଯାଏ, ଯାହା କେତେକଙ୍କ ପାଇଁ ସ୍ୱଭାବସୁଲଭ ତ ଆଉ କେତେକଙ୍କ ପାଇଁ ଭାବମୂର୍ତ୍ତି ରକ୍ଷାର ବାଧ୍ୟବାଧକତା। ଏହି ସନ୍ଦର୍ଭରେ ଗ୍ରାହାମ ଗ୍ରିନଙ୍କ ଉପନ୍ୟାସ 'ଦ ବର୍ନଟ୍‌ଆଉଟ୍ କେସ'ର ଚରିତ୍ର ଡାକ୍ତର କଲିନ୍‌ସଙ୍କ ଉଦାହରଣ ପ୍ରଣିଧାନଯୋଗ୍ୟ। କୁଷ୍ଠରୋଗୀଙ୍କ ସେବାରେ ନିୟୋଜିତ ଡାକ୍ତର କଲିନ୍‌ସ ପ୍ରଶ୍ନ କରିଥିଲେ ଯେ, ରୋଗକୁ ଭଲ ପାଇ ବସିଲେ ତାହାକୁ ନିର୍ମୂଳ କରାଯିବ କେମିତି ? ଗାନ୍ଧୀଜୀଙ୍କ ସମାଲୋଚକମାନେ କହନ୍ତି ଯେ ଦାରିଦ୍ର୍ୟ ବରଣ କରି ଗାନ୍ଧୀଜୀ ଦାରିଦ୍ର୍ୟର ମହିମା ଗାନ କରିଥିଲେ, ଯାହା ଦ୍ୱାରା ଦାରିଦ୍ର୍ୟରୁ ମୁକ୍ତି ଅପେକ୍ଷା ଦରିଦ୍ରମାନେ ସଦାସର୍ବଦା ମହତ ବୋଲି ଏକ ଧାରଣା ସୃଷ୍ଟି ହୋଇଥିଲା। ସେହି ପୁରୁଣା ମାନଦଣ୍ଡ ଅନୁଯାୟୀ, ଦହିୟାଙ୍କ ଭଳି ତରୁଣ ନିଷ୍ଠାବାନ୍ ହୋଇ ମଧ୍ୟ ଅସଙ୍ଗତ ମନେହୁଅନ୍ତି। ତେବେ ଏହି ସମ୍ପୂର୍ଣ୍ଣ ବିବାଦ ଆମ ଗଣତନ୍ତ୍ର ଓ ଆଧୁନିକ ସମାଜ ଆଗରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଛିଡ଼ା କରେ। ଆମ ଦେଶରେ ପିଜ୍‌ଜା ଓ ବର୍ଗର୍‌ର ଗଣତନ୍ତ୍ରୀକରଣ ହୋଇପାରିବ ନାହିଁ କି ? ଜଣେ ଦରିଦ୍ର ଚାଷୀ କିମ୍ବା ଆନ୍ଦୋଳନକାରୀ ଇଚ୍ଛା କଲେ, ଉପହସିତ ନ ହୋଇ କିମ୍ବା ନିଜର ନୈତିକତା ଓ ନିଷ୍ଠା ଉପରେ ସନ୍ଦେହ ସୃଷ୍ଟି ନ କରି, ଅତି ସ୍ୱାଭାବିକ ଭାବେ ପିଜ୍‌ଜା କିମ୍ବା ବର୍ଗର କିଣି ଖାଇପାରିବ ନାହିଁ କି ? ଆନ୍ଦୋଳନକାରୀଙ୍କୁ କେବଳ ଦୁଃଖ, କଷ୍ଟ, ନିରାଡ଼ମ୍ବରତା ଓ ଶୋକର ପ୍ରତୀକ ଭାବେ ଦେଖିବାର ପାରମ୍ପରିକ ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ। ନିଜ ଆଦର୍ଶରେ ଶ୍ରଦ୍ଧା ରଖି ମଧ୍ୟ ଜଣେ ବ୍ୟକ୍ତି ଆଧୁନିକ ଆହାର ଓ ଶୈଳୀ ଆପଣାଇପାରେ, ଏହାକୁ ଗ୍ରହଣ କରିବା ସାମ୍ପ୍ରତିକ ସମାଜ ପାଇଁ ନିହାତି ଜରୁରୀ।

# ଶିକ୍ଷାନୀତିରୁ ମୁକ୍ତି ଏବଂ ପ୍ରାଥମିକ ଶିକ୍ଷା ଦର୍ଶନ

ଶୁଭ୍ରାଂଶୁ ଶେଖର ସାହୁ

ଶିକ୍ଷାର ବାସ୍ତବ ସଂଜ୍ଞା କ'ଣ, ଏହାର ମୂଳ ଉଦ୍ଦେଶ୍ୟ କ'ଣ ହେବା ଉଚିତ ଏବଂ କୋମଳମତି ପିଲାଙ୍କ ପାଠ୍ୟକ୍ରମ କିଭଳି ରୂପରେଖ ଗ୍ରହଣ କରିବା ପ୍ରୟୋଜନ, ସେ ସମ୍ପର୍କରେ ଗାନ୍ଧୀଜୀଙ୍କ ଦୃଷ୍ଟିକୋଣ ପ୍ରଚଳିତ ପାରମ୍ପରିକ ଶିକ୍ଷାଗତ ଧାରଣାର ବହୁ ଊର୍ଦ୍ଧ୍ୱରେ ଥିଲା। ତାଙ୍କ ମତରେ ଶିକ୍ଷା କୌଣସି ପୁସ୍ତକଗତ ଶବ୍ଦର ଗଦା ନୁହେଁ କିମ୍ବା କେବଳ ଅଟକଳ ବା ଅଧ୍ୟାତ୍ମିକ ଜ୍ଞାନର ସୀମିତ ପରିସର ନୁହେଁ। ଏହା କୌଣସି ଜୀବନ-ବିମୁଖ ମୋକ୍ଷ ବା ନିର୍ବାଣ ପ୍ରାପ୍ତିର କେବଳ ଏକ ସାଧନ ମଧ୍ୟ ନୁହେଁ। ଗାନ୍ଧୀଜୀଙ୍କ ପାଇଁ ଶିକ୍ଷାର ପ୍ରକୃତ ଅର୍ଥ ହେଉଛି ସେହି ଶିକ୍ଷା, ଯାହା ମଣିଷକୁ ସମ୍ମାନର ସହ ବଞ୍ଚିବାର ସଠିକ୍ ପ୍ରଶିକ୍ଷଣ ପ୍ରଦାନ କରିଥାଏ। ଯେଉଁ ଶିକ୍ଷା ଗୋଟିଏ ବ୍ୟକ୍ତିକୁ ଭୋକ, ଅଜ୍ଞାନତା, ଆସୁରୀ ଭୟ ଏବଂ କୁସଂସ୍କାର ବା ଅନ୍ଧବିଶ୍ୱାସ ଭଳି ଅଦୃଶ୍ୟ ମାନସିକ ଦାସତ୍ୱରୁ ସମ୍ପୂର୍ଣ୍ଣ ମୁକ୍ତି ଦିଏ, ଏବଂ ତାହାକୁ ନିଜ ପାଦରେ ଛିଡ଼ା ହେବା ପାଇଁ ସ୍ୱାବଲମ୍ବୀ ଓ ସଶକ୍ତ କରି ଗଢ଼ିତୋଳେ, ତାହା ହିଁ ପ୍ରକୃତ ଶିକ୍ଷା, ପ୍ରକୃତ ଜ୍ଞାନ ଓ ପ୍ରକୃତ ମୁକ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଓ ମୂଲ୍ୟବୋଧର ଶିକ୍ଷା ଶିଶୁର ପ୍ରାଥମିକ ସ୍ତରରୁ ହିଁ ଆରମ୍ଭ ହେବା ନିତାନ୍ତ ଆବଶ୍ୟକ, କାରଣ ପ୍ରାଥମିକ ଶିକ୍ଷା ହିଁ ସମଗ୍ର ବ୍ୟକ୍ତିତ୍ୱ ଓ ଶିକ୍ଷା ପ୍ରଣାଳୀର ଦୃଢ଼ ମୂଳପିଣ୍ଡ।

୧୯୩୩ ମସିହା ଡିସେମ୍ବର ୧ ତାରିଖରେ ନିଜର ପ୍ରସିଦ୍ଧ 'ହରିଜନ' ପତ୍ରିକାରେ ପ୍ରକାଶିତ ଏକ ଦୀର୍ଘ ପ୍ରବନ୍ଧରେ ଗାନ୍ଧୀଜୀ ସେତେବେଳର ଭାରତୀୟ ସ୍କୁଲ ବହି, ଶିକ୍ଷା ପ୍ରଣାଳୀ ଓ ପାଠ୍ୟକ୍ରମର ତ୍ରୁଟି ବିଚ୍ୟୁତି ଉପରେ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ। ସେ ସମୟରେ ବିଦ୍ୟାଳୟଗୁଡ଼ିକରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ୧୮୩୦ ଦଶକରେ ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନ କାଳରେ ଲୋର୍ଡ ମାକ୍‌ଲେ ଆରମ୍ଭ କରିଥିବା ଶିକ୍ଷା ଦର୍ଶନର ଗୋଲାମୀରୁ ମୁକ୍ତ ହୋଇପାରି ନ ଥିଲା। ସ୍କୁଲ ପାଠ୍ୟପୁସ୍ତକର ଅଧିକାଂଶ ଅଧ୍ୟାୟ କ୍ଷତିକାରକ ନ ହେଲେ ହେଁ ସମ୍ପୂର୍ଣ୍ଣ ଅଦରକାରୀ, ପ୍ରାସଙ୍ଗିକତାହୀନ ଏବଂ ଅନ୍ଧ ଅନୁକରଣମୂଳକ ଥିଲା। ଏପରି ପାଠ ପଦ୍ଧତି କୋମଳମତି ଶିଶୁଙ୍କ ପାଇଁ ସହଜରେ ହଜମ ହେବା ପରି ନ ଥିଲା। ଯଦିଓ ପୁସ୍ତକର ଲେଖକମାନେ ଖୁବ୍ ଚତୁରତା, ନିଜର ବୌଦ୍ଧିକ ପ୍ରଖରତା ଓ ସାମାଜିକ ସ୍ଥିତିକୁ ଆଧାର କରି ବିଷୟବସ୍ତୁ ଚୟନ କରି ବହି ଲେଖୁଥିଲେ, କିନ୍ତୁ ସେଥିରେ ସମାଜର ପ୍ରତ୍ୟେକ ଶ୍ରେଣୀର ପିଲାଙ୍କ ଆବଶ୍ୟକତାକୁ ଖାପ ଖାଇବା ଭଳି ଉପଯୁକ୍ତ ସୂଚନା ବା ଉପାଦାନ ଅନୁପସ୍ଥିତ ଥିଲା।

ବିଶେଷ କରି ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଗାଁ ଗହଳିର, ଶ୍ରମିକ ଓ କୃଷକ ପରିବାରର ସାଧାରଣ ପିଲାମାନେ ହିଁ ଅଧିକ ସଂଖ୍ୟାରେ ପଢୁଥିଲେ। ସେମାନଙ୍କର ପାରିବାରିକ ସ୍ଥିତି, ଗ୍ରାମୀଣ ପ୍ରତିବେଶ, ଶୈକ୍ଷିକ ପରିବେଶ ଏବଂ ବାସ୍ତବ ବୌଦ୍ଧିକ ସ୍ତର ପ୍ରତି ପାଠ୍ୟପୁସ୍ତକ ଲେଖକମାନେ ଆଦୌ ନଜର ରଖୁ ନ ଥିଲେ। ଅତ୍ୟଧିକ ପୁସ୍ତକଗତ ଓ ଜଟିଳ ବୌଦ୍ଧିକତାପୂର୍ଣ୍ଣ ପାଠ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଥିବା ସହଜାତ ମୌଳିକତା ଓ ରଚନାତ୍ମକ ଚିନ୍ତନକୁ ନଷ୍ଟ କରିଦେଉଥିଲା। ଏହାଦ୍ୱାରା ଶିଶୁମାନେ ସଦାସର୍ବଦା ମାନସିକ ଦ୍ୱନ୍ଦ୍ୱ, ଅସୁରକ୍ଷା ଓ ଚାପ ମଧ୍ୟରେ ରହୁଥିଲେ। ପାଠ ସେମାନଙ୍କୁ ଆନନ୍ଦ ଦେବା ପରିବର୍ତ୍ତେ ପାଠ୍ୟପୁସ୍ତକଗୁଡ଼ିକ ଏକ ପ୍ରକାର ମାନସିକ ଓ ଶାରୀରିକ ବୋଝ ପରି ଗୁରୁଭାର ମନେହେଉଥିଲା। କେବଳ ସେତିକି ନୁହେଁ, ବହିରେ ଥିବା ଅନେକ ବିଷୟବସ୍ତୁ ଆଦୌ ପ୍ରାସଙ୍ଗିକ ନ ଥିଲା ଏବଂ ଅବୈଜ୍ଞାନିକ ଶିକ୍ଷାଦାନ ପଦ୍ଧତି ଉପରେ ଆଧାରିତ ଥିଲା।

ଶିଶୁର ପ୍ରାଥମିକ ଶିକ୍ଷାରୁ ଆରମ୍ଭ କରି ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ପିଲାମାନେ କ'ଣ ପଢ଼ିବେ ଏବଂ କିପରି ପଢ଼ିବେ, ସେ ନେଇ ଗାନ୍ଧୀଜୀ ନିଜ ପ୍ରବନ୍ଧରେ ଏକ ଅତି ସୂକ୍ଷ୍ମ, ବ୍ୟାପକ ଓ ମାନବିକ ଆଲୋଚନା ପ୍ରସ୍ତୁତ କରିଥିଲେ। ପ୍ରଥମ ଶ୍ରେଣୀର ଛୋଟ ପିଲାଙ୍କ ପାଇଁ ଏକାଧିକ ପାଠ୍ୟପୁସ୍ତକର କୌଣସି ନିର୍ଦ୍ଦିଷ୍ଟ ଆବଶ୍ୟକତା ନାହିଁ ବୋଲି ସେ ଦୃଢ଼ ଭାବରେ ପ୍ରକାଶ କରିଥିଲେ। ପାଠ୍ୟପୁସ୍ତକ ବିନା କେବଳ ପ୍ରାକୃତିକ ଓ ଆନନ୍ଦଦାୟକ ପରିବେଶରେ ଶିକ୍ଷାଦାନ କରାଗଲେ ତାହା ପିଲାଙ୍କ ପାଇଁ ଅଧିକ ଗ୍ରହଣଯୋଗ୍ୟ ହୋଇପାରିବ। ଏହି ପ୍ରାରମ୍ଭିକ ପର୍ଯ୍ୟାୟରେ ପିଲାମାନଙ୍କୁ କେବଳ ସରଳ ଅକ୍ଷର ଲେଖା ସହିତ ପ୍ରକୃତିର ବିଭିନ୍ନ ରଙ୍ଗ ସମ୍ପର୍କରେ ଜ୍ଞାନ ଦିଆଯିବା ଉଚିତ। ରଙ୍ଗ ଓ ଆକୃତିର ଏହି ଜ୍ଞାନ ଶିଶୁର ସୂକ୍ଷ୍ମ ନିରୀକ୍ଷଣ କ୍ଷମତା, ସୃଜନଶୀଳତା ଏବଂ ସ୍ମୃତିଶକ୍ତିକୁ ବହୁ ପରିମାଣରେ ବୃଦ୍ଧି କରିଥାଏ। ପୁସ୍ତକର ଶୁଷ୍କ ନିୟମ ବଦଳରେ ସୁନ୍ଦର ସରଳ ଗପ, ମନୋରମ କବିତା ଓ ଗ୍ରାମୀଣ ସଂଗୀତ ମାଧ୍ୟମରେ ପିଲାମାନେ ସହଜ ଓ ସ୍ୱାଭାବିକ ଭାବେ ଶିଖିବା ଆବଶ୍ୟକ।

ସେହିପରି ଉଚ୍ଚ ଶ୍ରେଣୀର ପିଲାଙ୍କ ପାଠ୍ୟକ୍ରମ ସମ୍ପର୍କରେ ଗାନ୍ଧୀଜୀଙ୍କର କୌଣସି ସଂକୁଚିତ ଚିନ୍ତାଧାରା ନ ଥିଲା, ବରଂ ସେ ଏକ ସମନ୍ୱିତ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥାର ସମର୍ଥନ କରିଥିଲେ। ତାଙ୍କ ମତରେ ଉଚ୍ଚ ଶ୍ରେଣୀର ପିଲାମାନେ ଇତିହାସ, ଭୂଗୋଳ, ଗଣିତ, ଜ୍ୟାମିତି ଏବଂ ଅର୍ଥନୀତି ପରି ସାମାଜିକ ଓ ବ୍ୟାବହାରିକ ବିଷୟଗୁଡ଼ିକ ଗଭୀର ଭାବେ ପଢ଼ିବା ସହ ସଂଗୀତ ଶିଖିବା ଆବଶ୍ୟକ। ସେମାନେ ନିଜର ଆଞ୍ଚଳିକ ତଥା ଜାତୀୟ ସାହିତ୍ୟ, ପରମ୍ପରା ଓ ସଂସ୍କୃତି ବିଷୟରେ ଜାଣି ନିଜ ମୂଳ ସହ ଯୋଡ଼ି ହୋଇ ରହିବା ଦରକାର। ଏହା ସହିତ ଆକାଶ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ଭଳି ଆଧୁନିକ ବିଜ୍ଞାନ ବିଷୟଗୁଡ଼ିକ ବିଷୟରେ ମଧ୍ୟ ସେମାନଙ୍କୁ ସମ୍ୟକ ଜ୍ଞାନ ପ୍ରଦାନ କରାଯିବା ଉଚିତ। ବୃତ୍ତିଗତ ଓ ବାସ୍ତବ ଜୀବନରେ ଶିକ୍ଷାକୁ ବ୍ୟବହାରଯୋଗ୍ୟ କରିବା ପାଇଁ ପାଠ୍ୟକ୍ରମରେ କିଛି ଧନ୍ଦାମୂଳକ ଓ ବ୍ୟାବହାରିକ ଶିକ୍ଷା ସହିତ କୃଷି କାର୍ଯ୍ୟର ମୌଳିକ ଜ୍ଞାନ ଅନ୍ତର୍ଭୁକ୍ତ ହେବା ନିହାତି ଜରୁରୀ। କାରଣ କାମ କରି ଶିଖିବା ଓ ଶ୍ରମ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା ଗାନ୍ଧୀଙ୍କ ଶିକ୍ଷା ଦର୍ଶନର ଆତ୍ମା ଥିଲା। କିନ୍ତୁ ଏସବୁ ସତ୍ତ୍ୱେ, ଗାନ୍ଧୀଜୀ ଅତି ସ୍ପଷ୍ଟ ଭାବେ ଚେତାବନୀ ଦେଇଥିଲେ ଯେ, ପାଠ୍ୟପୁସ୍ତକ ଓ ପାଠ୍ୟକ୍ରମ ପ୍ରସ୍ତୁତ କଲାବେଳେ ଲେଖକମାନେ ଯେପରି କେବେହେଲେ ଭୁଲି ନ ଯାଆନ୍ତି ଯେ 'ଉତ୍ତମ ଚରିତ୍ର ଗଠନ' ହିଁ ସମଗ୍ର ଶିକ୍ଷା ବ୍ୟବସ୍ଥାର ମୂଳ, ସର୍ବୋଚ୍ଚ ଓ ଚୂଡ଼ାନ୍ତ ଲକ୍ଷ୍ୟ। ଜ୍ଞାନ ଯଦି ଚରିତ୍ରହୀନତାକୁ ପ୍ରଶ୍ରୟ ଦିଏ, ତେବେ ତାହା ମାନବ ସମାଜ ପାଇଁ ବିପଜ୍ଜନକ ହୋଇପଡ଼େ। ପାଠ୍ୟକ୍ରମରେ ଧର୍ମ ଓ ରାଜନୀତି ଭଳି ସମ୍ବେଦନଶୀଳ ବିଷୟଗୁଡ଼ିକର ସ୍ଥାନ ରହିବ କି ନାହିଁ, ଏହି ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନର ଅତ୍ୟନ୍ତ ସ୍ପଷ୍ଟ, ଗ୍ରହଣଯୋଗ୍ୟ ଓ ଉଦାର ଉତ୍ତର ଦେଇଥିଲେ ଗାନ୍ଧୀଜୀ। ସେ କହିଥିଲେ ଯେ ସ୍କୁଲ ପିଲାମାନେ କୌଣସି ସଂ ?ର୍ଣ୍ଣ, ସାମ୍ପ୍ରଦାୟିକ ବା ନିର୍ଦ୍ଦିଷ୍ଟ ବ୍ୟାବହାରିକ ଧର୍ମ ବିଷୟରେ ପଢ଼ିବେ ନାହିଁ। ସେମାନଙ୍କୁ ବରଂ ସର୍ବଧର୍ମ ସମଭାବ, ମାନବିକତା ଓ ବିଶ୍ୱଧର୍ମର ବିଶାଳତା ସମ୍ପର୍କରେ ଶିକ୍ଷା ଦିଆଯିବ। ଧର୍ମ ନାମରେ ରହିଥିବା ସଙ୍କୁଚିତ କର୍ମକାଣ୍ଡ, ବାହ୍ୟ ରୀତିନୀତି, କୁସଂସ୍କାର ଓ ଅନ୍ଧବିଶ୍ୱାସ ଯେପରି ସ୍କୁଲ ବହିରେ ସ୍ଥାନ ନ ପାଏ, ସେଥିପ୍ରତି କଠୋର ଦୃଷ୍ଟି ଦେବାକୁ ପଡ଼ିବ। ତେବେ ଭାରତୀୟ ସଂସ୍କୃତିର ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତର ପ୍ରସଙ୍ଗଗୁଡ଼ିକୁ ପାଠ୍ୟକ୍ରମରେ ନିଶ୍ଚିତ ଭାବେ ରଖାଯିବା ଦରକାର। ଗାନ୍ଧୀଜୀଙ୍କ ଦୃଷ୍ଟିରେ ଏହି ଦୁଇଟି ମହାନ ଗ୍ରନ୍ଥ କେବଳ ଯୁଦ୍ଧ, ହିଂସା ବା କାହାଣୀର ଗ୍ରନ୍ଥ ନୁହେଁ, ବରଂ ଏଗୁଡ଼ିକ ହେଉଛି ଉଚ୍ଚ ନୀତି, ନୈତିକତା, ତ୍ୟାଗ, କର୍ତ୍ତବ୍ୟ ବୋଧ ଏବଂ ସତ୍ୟ ପାଳନର ଜୀବନ୍ତ ଗ୍ରନ୍ଥ। ଧର୍ମନିରପେକ୍ଷ ମୂଲ୍ୟବୋଧ ସହିତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ଯୁକ୍ତିଯୁକ୍ତ ଚିନ୍ତନକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ପାଠ୍ୟକ୍ରମ ହିଁ ଏକ ଗଣତାନ୍ତ୍ରିକ, ପ୍ରଗତିଶୀଳ, ସୁସ୍ଥ ଓ ଉଦାର ସମାଜ ଗଠନ ପାଇଁ ପ୍ରକୃତ ସହାୟକ ହୋଇପାରିବ। ସେହିପରି ସ୍କୁଲ ପିଲାମାନେ ରାଜନୀତି ବିଷୟରେ ପାଠ ବହିରେ କିଛି ପଢ଼ିବା ଆବଶ୍ୟକ କି ନାହିଁ, ଏହା ଉପରେ ଗାନ୍ଧୀଜୀ ସ୍ପଷ୍ଟ କରିଥିଲେ ଯେ କୋମଳମତି ଶିଶୁମାନଙ୍କୁ ସକ୍ରିୟ ବା କଳୁଷିତ ଦଳୀୟ ରାଜନୀତିରୁ ସମ୍ପୂର୍ଣ୍ଣ ଦୂରରେ ରଖିବା ଉଚିତ। ପିଲାଏ ରାଜନୈତିକ ବିଷୟ ପଢ଼ିବାର କୌଣସି ଆବଶ୍ୟକତା ନାହିଁ, କିନ୍ତୁ ନାଗରିକ ଭାବେ ଗଢ଼ିଉଠିବା ପାଇଁ ସେମାନେ ଦେଶର ଆଇନ, ଶାସନ ବିଚାର, ନାଗରିକ କର୍ତ୍ତବ୍ୟ ଏବଂ ସମାଜ ବିଜ୍ଞାନ ବିଷୟରେ ଆବଶ୍ୟକ ଜ୍ଞାନ ହାସଲ କରିବା ସମ୍ପୂର୍ଣ୍ଣ ଜରୁରୀ। ଏହା ସହିତ ନିଜର ବ୍ୟକ୍ତିଗତ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ରକ୍ଷା, ସାମାଜିକ ସ୍ୱଚ୍ଛତା ଏବଂ ନିଜର ପ୍ରାକୃତିକ ପରିବେଶ ସୁରକ୍ଷା ସମ୍ପର୍କରେ ସେମାନଙ୍କୁ ବ୍ୟାପକ ସଚେତନତା ଶିକ୍ଷା ଦିଆଯିବା ଆବଶ୍ୟକ, ଯାହା ସେମାନଙ୍କୁ ଦାୟିତ୍ୱବାନ ନାଗରିକ କରିବ। ପ୍ରାଥମିକ ବିଦ୍ୟାଳୟର ପିଲାମାନେ କେତୋଟି ଭାଷା ଶିଖିବା ଉଚିତ, ଏହି ବହୁଚର୍ଚ୍ଚିତ ବିଷୟରେ ଗାନ୍ଧୀଜୀ ନିଜର ଅତି ବାସ୍ତବ ସମାଧାନ ପ୍ରସ୍ତାବ କରିଥିଲେ। ତାଙ୍କ ମତରେ ପିଲାମାନେ ଆଞ୍ଚଳିକ ଭାଷା (ମାତୃଭାଷା) ଏବଂ ଇଂରେଜୀ ସହିତ ଅତିରିକ୍ତ ଅନ୍ୟ ଗୋଟିଏ ଭାଷା ଶିଖିବା ଉଚିତ। ଯଦି ସୁବିଧା ଓ ସୁଯୋଗ ଥାଏ, ତେବେ ପିଲାଙ୍କୁ ପାଞ୍ଚଟି ଭାଷାରେ ଶିକ୍ଷା ଦିଆଯାଇପାରିଲେ ତାହା ଆହୁରି ଉତ୍ତମ। କିନ୍ତୁ ପ୍ରାଥମିକ ସ୍ତରରେ ଶିକ୍ଷାଦାନର ମୁଖ୍ୟ ଓ ନିର୍ଣ୍ଣାୟକ ମାଧ୍ୟମ ସଦାସର୍ବଦା ଆଞ୍ଚଳିକ ଭାଷା ବା ମାତୃଭାଷା ହିଁ ହେବା ବାଧ୍ୟତାମୂଳକ। ମାତୃଭାଷା ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ଶିଶୁର ମନକୁ ସହଜରେ ଛୁଇଁଥାଏ, ତାହାର ବୋଧଶକ୍ତିକୁ ବିକଶିତ କରିଥାଏ ଏବଂ ମୌଳିକ ସୃଜନଶୀଳତାକୁ ବୃଦ୍ଧି କରିଥାଏ। ସ୍କୁଲ ବହିଗୁଡ଼ିକୁ କିଏ ଲେଖିବେ ଏବଂ ଏହି ଗୁରୁଦାୟିତ୍ୱ କାହା ହାତରେ ନ୍ୟସ୍ତ ହେବା ଉଚିତ, ସେହି ଅତ୍ୟନ୍ତ ନିର୍ଣ୍ଣାୟକ ପ୍ରଶ୍ନର ଗମ୍ଭୀର ସମାଧାନ ମଧ୍ୟ ଗାନ୍ଧୀଜୀ ତାଙ୍କ ପ୍ରବନ୍ଧରେ କରିଥିଲେ। ସେ ଲେଖିଥିଲେ ଯେ, ସ୍କୁଲ ପିଲାଙ୍କ ପାଇଁ ବହି ଲେଖିବା କୌଣସି ସାଧାରଣ ବା ସହଜ କାମ ନୁହେଁ, ବରଂ ଏହା ଅତ୍ୟନ୍ତ ସଂବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏହି କାର୍ଯ୍ୟରେ ସାମାନ୍ୟତମ ଅବହେଳା ବା ଅଜ୍ଞାନତା ରହିଲେ, ତାହା ଭବିଷ୍ୟତ ପିଢ଼ି ଓ ସମଗ୍ର ଜାତି ପାଇଁ ଏକ ବିରାଟ ବିପଦ ସୃଷ୍ଟି କରିପାରେ। ତେଣୁ ଶୁଷ୍କ ପାଣ୍ଡିତ୍ୟ ଥିବା ଗବେଷକଙ୍କ ବଦଳରେ, ଏହି କାର୍ଯ୍ୟ ପାଇଁ ସୁପ୍ରଶିକ୍ଷିତ, ବହୁ ଅଭିଜ୍ଞ ଓ ବାସ୍ତବ ଶିକ୍ଷାଦାନର ପ୍ରତ୍ୟକ୍ଷ ଅନୁଭୂତିସମ୍ପନ୍ନ ସ୍କୁଲ ଶିକ୍ଷକମାନଙ୍କୁ ହିଁ ଚୟନ କରାଯିବା ଆବଶ୍ୟକ।

ଜାତୀୟ ଚେତନା
JATIYA CHETANA



# ୩ ଜିଲ୍ଲାରେ ସ୍କୁଲ୍ ଛୁଟି

ଭୁବନେଶ୍ୱର,(ଜା.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଅବପାତ। ଏହା ପ୍ରଭାବରେ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଜଗତସିଂହପୁର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସହ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି ଘୋଷଣା କରାଯାଇଛି। ଓଏଭି ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଜଗତସିଂହପୁର ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପିଲାମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସମସ୍ତ ସ୍କୁଲ ବନ୍ଦ ରହିବ। ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାର ସମସ୍ତ ସ୍କୁଲଗୁଡ଼ିକୁ ଆସନ୍ତାକାଲି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ଅଧକ୍ଷ/ଅଧକ୍ଷା ଏବଂ ଶିକ୍ଷକ/ଶିକ୍ଷୟିତ୍ରୀମାନେ ନିଜ ନିଜ ବିଦ୍ୟାଳୟରେ ଉପସ୍ଥିତ ରହିବେ। ସେମାନେ ଶ୍ରେଣୀ ହ୍ୱାଟ୍ସଆପ୍ ଗ୍ରୁପ୍, ଫୋନ୍ କଲ୍, ଏସଏମଏସଇତ୍ୟାଦି ଉପଲବ୍ଧ ମାଧ୍ୟମଗୁଡ଼ିକ ସାହାଯ୍ୟରେ ବିଦ୍ୟାଳୟ ବନ୍ଦ ରହିବା ନେଇ ସମସ୍ତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସୂଚିତ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି।

ଏହାଛଡ଼ା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବିଦ୍ୟାଳୟ ବନ୍ଦ ରହିବ ବୋଲି ଜିଲ୍ଲାପାଳ ରଘୁରାମ ଆର. ଆୟର ନିର୍ଦ୍ଦେଶ ଦେଇଛନ୍ତି।

# ଉଦାର ହୃଦୟ ପରିବାର ତରଫରୁ ଥଣ୍ଡା ସର୍ବତ ବଣ୍ଟନ



ଭୁବନେଶ୍ୱର,(ଜା.ପ୍ର): ରାଉରକେଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉଦାର ହୃଦୟ ପରିବାର ତରଫରୁ ବାହୁଡ଼ା ଯାତ୍ରା ଉପଲକ୍ଷେ ଶ୍ରଦ୍ଧାଳୁ ମାନଙ୍କୁ ଥଣ୍ଡା ସର୍ବତ ବଣ୍ଟନ କରାଯାଇଥିଲା। ଏହି ଜନସେବା କାର୍ଯ୍ୟକ୍ରମକୁ ରାଉରକେଲା ର ମାନ୍ୟବର ବିଧାୟକ ସାରଦା ପ୍ରସାଦ ନାୟକ ଓ ବିଜେଡ଼ିର ବରିଷ୍ଠ ରାଜନୈତିକ ତଥା ସାମାଜିକ କର୍ମୀ ବିରେନ ସେନାପତି ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ପୂର୍ବତନ ବିଧାୟକ ସୁବ୍ରତ ତରାଇ ପ୍ରତ୍ୟକ୍ଷ ଭାବେ ଯୋଗଦେଇ ପଣା ବିତରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଦିଲ୍ଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ଶୃଙ୍ଖଳିତ ରୂପେ ପରିଚାଳିତ ହୋଇଥିଲା। ପ୍ରାୟ ଦୁଇ ହଜାର ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ପାଇଁ ଥଣ୍ଡା ସର୍ବତ ପ୍ରସ୍ତୁତ କରାଯାଇଥିଲା। ସର୍ବତ ବିତରଣ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ନିରଞ୍ଜନ ଧଳ, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ନରୋତ୍ତମ ବାରିକ, କୋଷାଧକ୍ଷ ପ୍ରମୋଦ କୁମାର ବୋଇତି, ସସ୍ମିତା ସାହୁ, ପ୍ରକାଶ ପାତ୍ର, ଗୋପାଳ ସ୍ୱାଇଁ, ବିପିନ ମହାରଣା, ଶ୍ରୀକାନ୍ତ ମହାନ୍ତି, ହେମନ୍ତ ବିଶ୍ୱାଳ, ରାମ ଚନ୍ଦ୍ର ଦାସ, ଉତ୍ତମ ବାରିକ, ସୌମ୍ୟ ଭଞ୍ଜ, ରାକେଶ ନାୟକ, ସତ୍ୟଜିତ ବେହେରା, ପ୍ରମୋଦ ସେଠି ପ୍ରମୁଖ ସହଯୋଗ କରିଥିଲେ।

# ଢେଙ୍କାନାଳର ପୁରୁଖା ମୁରବୀ ବିବେକାନନ୍ଦ ମହାପାତ୍ରଙ୍କ ଦ୍ୱାଦଶାହ



ଢେଙ୍କାନାଳ,(ଜା.ପ୍ର): ଢେଙ୍କାନାଳ ଜିଲ୍ଲା କାଙ୍କଡ଼ପାଳ ଗ୍ରାମର ପୁରୁଖା ମୁରବୀ ତଥା ଅନ୍ୟତମ ବିଶିଷ୍ଟ ବୁଦ୍ଧିଜୀବୀ ସ୍ୱର୍ଗତ ବିବେକାନନ୍ଦ ମହାପାତ୍ରଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ଆଜି ତାଙ୍କ କାଙ୍କଡ଼ପାଳସ୍ଥିତ ନିଜ ବାସଭବନରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗତ ଜୁଲାଇ ୧୫ ତାରିଖରେ ୮୯ ବର୍ଷ ବୟସରେ ତାଙ୍କର ତିରୋଧାନ ହୋଇଥିଲା। (ଜନ୍ମ: ୨ ଜୁନ୍ ୧୯୩୭, ତିରୋଧାନ: ୧୫ ଜୁଲାଇ ୨୦୨୬)। ଦ୍ୱାଦଶାହ ଅବସରରେ ଦିବଙ୍ଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ସାଇ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସ୍ୱର୍ଗତ ମହାପାତ୍ରଙ୍କ ଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ଗ୍ରାମ ପ୍ରତି ଅବଦାନ ଓ ଜୀବନ ଆଦର୍ଶର ସ୍ମୃତିଚାରଣ କରିଥିଲେ। ଅଗ୍ନିଶମସେବା ଡିଜି ତଥା ସ୍ୱର୍ଗତ ମହାପାତ୍ରଙ୍କ ନାତି ସୁଧାଂଶୁ ଷଡ଼ଙ୍ଗୀ, ବିଶିଷ୍ଟ ବ୍ୟବସାୟୀ ସାଗରମଲ ଅଗ୍ରୱାଲ, ସାଇ ଭବନର ଶ୍ରଦ୍ଧାଳୁବୃନ୍ଦ, ପୁତୁରା ଡାକ୍ତର ମହେଶ ମହାପାତ୍ର, ଝିଆରୀ ଡାକ୍ତର ମୈଥିଳୀ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପତ୍ନୀ ସତ୍ୟଭାମା ମହାପାତ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଅଣନାତିନାତୁଣୀ ଏବଂ ପରିବାରବର୍ଗଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଓ ସହଯୋଗରେ ସମସ୍ତ ଶ୍ରାଦ୍ଧ କାର୍ଯ୍ୟସୂଚୀ ଏବଂ ସ୍ମୃତିଚାରଣ ସଭା ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

# ଆମେରିକାରେ ଚକ୍ରଧର ମଲ୍ଲିକ ଫାଉଣ୍ଡେସନ ତରଫରୁ ପିଠା ପ୍ରତିଯୋଗିତା




ମିନିଆପଲିସ,(ଏଜେନ୍ସି): ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଚକ୍ରଧର ମଲ୍ଲିକ ଫାଉଣ୍ଡେସନ ଫର ଓଡ଼ିଆ କଲଚର (ଏସସିଏମଏଫଓସି) ନିକଟରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାଜ୍ (ଓଏସଏ)ର ମିନେସୋଟା ରାଜ୍ୟ ଅନ୍ତର୍ଗତ ମିନିଆପଲିସଠାରେ ଅନୁଷ୍ଠିତ ୫୭ତମ ସମ୍ମିଳନୀ ଅବସରରେ ପିଠା ପ୍ରତିଯୋଗିତାର ଆୟୋଜନ କରିଥିଲା। ଓଡ଼ିଆ ବ୍ୟଞ୍ଜନର ବିବିଧତା ଓ ଉପାଦେୟତାକୁ ଭବ୍ୟ ଢଙ୍ଗରେ ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ୨୨ ଜଣ ପ୍ରତିଭାସମ୍ପନ୍ନ ରାନ୍ଧୁଣୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିଯୋଗୀମାନେ ବିଭିନ୍ନ କିସମର ସ୍ୱାଦିଷ୍ଟ ପିଠା ଯଥା:- ଚିତଉ, ଏଣ୍ଡୁରି, ଆରିସା, କାକରା, ମଣ୍ଡା, ପୋଡ଼ପିଠା, ରଜ ଆମ୍ବପିଠା ଓ ସପ୍ତପୁରୀ ଆଦି ପ୍ରସ୍ତୁତ କରିଥିଲେ। ଓଡ଼ିଶାର ସମୃଦ୍ଧ ଖାଦ୍ୟ ସମ୍ଭାରକୁ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବା ନେଇ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀ ସେମାନଙ୍କର ଅସାଧାରଣ ରନ୍ଧନ କୌଶଳ, ଅସାମାନ୍ୟ ସୃଜନଶୀଳତା ଏବଂ ଉତ୍ସର୍ଗୀକୃତ ସମର୍ପଣ ଭାବର ନିଦର୍ଶନ ଦେଖାଇ ଏକ ନିଆରା ଦୃଷ୍ଟାନ୍ତ ସର୍ଜନା କରିଥିଲେ। ଏଣ୍ଡୁରି ପିଠା ପ୍ରସ୍ତୁତ କରିଥିବା ବିଜୟଲକ୍ଷ୍ମୀ ସେନାପତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପୋଡ଼ ପିଠା ବନାଇ ଗୋପା ଗୁରୁ ଦ୍ୱିତୀୟ ସ୍ଥାନ ଏବଂ କାକରା ପିଠା ପ୍ରସ୍ତୁତକାରୀ ସୁନୀତା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଖୁବ୍ ଦକ୍ଷତା ସମ୍ପନ୍ନ ତିନିଜଣିଆ ବିଚାରପତି ଯଥା:- ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ପ୍ରଫେସର ଡକ୍ଟର ଅନ୍ନପୂର୍ଣ୍ଣା ପାଣ୍ଡେ ଓ ଡକ୍ଟର ନୀତା ମହାନ୍ତି ପ୍ରମୁଖ ବିଜେତାମାନଙ୍କର ଚୟନ କରିଥିଲେ।

୨୦୧୬ ମସିହାରେ ପ୍ରତିଷ୍ଠିତ ଏବଂ ନିଉଜର୍ସିର ଆଲୋକ ମଲ୍ଲିକ ତଥା କାଲିଫର୍ଣ୍ଣିଆର ଦୀପ୍ତି ମଲ୍ଲିକଙ୍କ ଦ୍ୱାରା ପରିଚାଳିତ 'ଶ୍ରୀ ଚକ୍ରଧର ମଲ୍ଲିକ ଫାଉଣ୍ଡେସନ ଫର ଓଡ଼ିଆ କଲଚର' ଦୀର୍ଘ ବର୍ଷ ଧରି ଆମେରିକାରେ ଓଡ଼ିଆ ବ୍ୟଞ୍ଜନକୁ ପ୍ରୋତ୍ସାହନ ଦେବା ନେଇ ଖୁବ୍ ପ୍ରଭାବଶାଳୀ ଭୂମିକା ନିର୍ବାହ କରିଆସୁଛି। ପ୍ରତ୍ୟେକ ଓଡ଼ିଆ ପକ୍ଷରେ ପିଠା କେବଳ ଏକ ଖାଦ୍ୟ ନୁହଁ। ଏହା ଆମର ମହାନ ପରମ୍ପରା, ଭାବପ୍ରବଣତା ଓ ପରିଚିତିର ଏକ ଜୀବନ୍ତ ଓ ଜାଜ୍ୱଲ୍ୟମାନ ଉଦାହରଣ। ପିଠା ପ୍ରତ୍ୟେକ ଓଡ଼ିଆକୁ ଏହାର ବାଲ୍ୟକାଳ , ଜେଜେବାପା, ଜେଜେମାଙ୍କର ରୋଷେଇଶାଳା, ଗାଁର ଘର, ରଜ ପର୍ବ, ମାଣବସା ଗୁରୁବାର, ପ୍ରଥମାଷ୍ଟମୀ ଓ ଅନ୍ୟାନ୍ୟ ପାରିବାରିକ ମହୋତ୍ସବ ସମ୍ପର୍କରେ ଚେତାଇ ଦେଇଥାଏ। ଓଡ଼ିଶାଠାରୁ ସହସ୍ର ମାଇଲ ଦୂରରେ ଆମେରିକାରେ ରହିଲେ ମଧ୍ୟ ପିଠା , ଓଡ଼ିଆ ସମ୍ପ୍ରଦାୟକୁ ଏହାର ଭିଟାମାଟି ସହିତ ସଂଯୋଗ କରିଥାଏ। ଏଥିରେ ପିଠା ପ୍ରତିଯୋଗିତାକୁ ପ୍ରାୟୋଜନ କରି ଏସସିଏମଏଫଓସି ଓଡ଼ିଶାର ଏହି ଅନନ୍ୟ ବ୍ୟଞ୍ଜନ ପରମ୍ପରାକୁ ଆନ୍ତର୍ଜାତିକ ସ୍ତରରେ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଏସସିଏମଏଫଓସି ତରଫରୁ ଏକ ବିଜ୍ଞପ୍ତିରେ ସମସ୍ତ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଦିଆଯିବା ସହିତ ଅଂଶଗ୍ରହଣକାରୀ, ସ୍ୱେଚ୍ଛାସେବୀ, ବିଚାରପତି, ପ୍ରାୟୋଜକ ଏବଂ ଶୁଭେଚ୍ଛୁମାନଙ୍କୁ ସେମାନଙ୍କର ଯୋଗଦାନ ପାଇଁ କୃତଜ୍ଞତା ଅର୍ପଣ କରାଯାଇଛି। ବିଶେଷ କରି କାର୍ଯ୍ୟକ୍ରମର ଅଭୂତପୂର୍ବ ସଫଳତା ପାଇଁ ଫାଉଣ୍ଡେସନ, ମିନେସୋଟାର ସୁଦକ୍ଷ ଓଡ଼ିଆ ସଙ୍ଗଠକ ଚିନ୍ମୟୀ ପଣ୍ଡା, ଗୀତାଞ୍ଜଳି ଦାସ, ପୂର୍ଣ୍ଣିମା ଚୌଧୁରୀ ଏବଂ ମାନସ ଚୌଧୁରୀଙ୍କୁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଅର୍ପଣ କରିଛି। ଆମେ ଯେତେବେଳେ ପିଠାର ପରମ୍ପରାକୁ ସୁରକ୍ଷିତ ଏବଂ ସଂରକ୍ଷିତ କରିବା ପାଇଁ ଉଦ୍ୟମ କରୁଛୁ, ତା' ଫଳରେ ଓଡ଼ିଶାର ଗପ, ପର୍ବପର୍ବାଣୀ, ପାରିବାରିକ ପରମ୍ପରା ଏବଂ ଆମର ନିଜସ୍ୱ ବିଶେଷତାର ମହନୀୟତାକୁ ମଧ୍ୟ ପରୋକ୍ଷରେ ପ୍ରତିପାଦିତ କରୁଛୁ। ପ୍ରତ୍ୟେକ ପିଠା ଓଡ଼ିଶାର ପ୍ରକୃତ ଓ ନିଆରା ସ୍ୱାଦର ସ୍ୱାକ୍ଷର ବହନ କରୁଥାଏ। ଏଣୁ ଆମର ଭବିଷ୍ୟତ ପିଢ଼ି ଏହି ପରମ୍ପରାକୁ ବଜାୟ ରଖିବା ଓ ଏହାର ବର୍ଦ୍ଧନ କରିବା ନିହାତି ଜରୁରୀ। ଫାଉଣ୍ଡେସନ୍ ଏହି କାଳଜୟୀ ପାରମ୍ପରିକ ବ୍ୟଞ୍ଜନ ପରମ୍ପରା ଓ ଐତିହ୍ୟକୁ ଭବିଷ୍ୟତ ପିଢ଼ିଙ୍କୁ ହସ୍ତାନ୍ତର କରିବା ନେଇ ଏହାର ପ୍ରତିବଦ୍ଧତାରେ ଦୃଢ଼ ପରିକର ଥିବା କୁହାଯାଇଛି। ଏସ୍‌ଏମ୍‌ଏଫ୍‌ଓସି ତରଫରୁ ଓସା ସମ୍ମିଳନୀକୁ ସମ୍ବୋଧନ କରି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଅନ୍ନପୂର୍ଣ୍ଣା ପାଣ୍ଡେ, ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ ଫାଉଣ୍ଡେସନ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ। ସାରା ବିଶ୍ୱର ଓଡ଼ିଆ ଯୁବ ସମ୍ପ୍ରଦାୟକୁ ନିଜର ମୂଳଭିତ୍ତି ସହିତ ଯୋଡ଼ି ରହିବାକୁ ନିବେଦନ କରି ଡକ୍ଟର ପାଣ୍ଡେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଇତିହାସ, ଐତିହ୍ୟ, ଭାଷା, ସାହିତ୍ୟ ଏବଂ ଗୁଣବତ୍ତାକୁ ସୁରକ୍ଷିତ ରଖାଯିବା ଦିଗରେ ଜୋର ଦେଇଥିଲେ। ପିଠା ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ କେବଳ ଏକ ଖାଦ୍ୟ ପ୍ରତିଯୋଗିତା ହୋଇନପାରେ। ଏହା ପ୍ରକୃତ ପକ୍ଷେ ସାରା ବିଶ୍ୱରେ ବସବାସ କରୁଥିବା ଓଡ଼ିଆମାନଙ୍କ ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଦର୍ଶାଇ ଡକ୍ଟର ପାଣ୍ଡେ ଏହାଦ୍ୱାରା ଓଡ଼ିଶାର ଅନନ୍ୟ ଐତିହ୍ୟ ପୃଥିବୀର ବିଭିନ୍ନ ମହାଦେଶରେ ପହଞ୍ଚିବା ସହ ପିଢ଼ି ପରେ ପିଢ଼ି ଆମ ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରିବାରେ ସହାୟକ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଜାତୀୟ ଚେତନା
JATIYA CHETANA



# ମୁଠେ ଘାସ



**ସୁନନ୍ଦା ମହାନ୍ତି**

ମାଆ ଧରଣୀ ରାଣୀ ମୁଣ୍ଡରେ ଓଢଣା ହୋଇ, ଦେହରେ ଶାଢ଼ୀ ଘୋଡେଇ ହୋଇ ଘାସ ରହିଥାଏ ସବୁଦିନ ପାଇଁ। ଯୋଉଠି ଗଛ ଥାଉ ବା ନଥାଉ କିନ୍ତୁ ପ୍ରକୃତିର ଏଇ କ୍ଷୁଦ୍ରାଦି କ୍ଷୁଦ୍ର ଘାସ ଗଛ କିନ୍ତୁ ତାର ସବୁଜିମା ବିସ୍ତାରି ମାଆ ଧରଣୀ ରାଣୀଙ୍କୁ କରିଥାଏ ଆଚ୍ଛାଦିତ। ସତରେ ପ୍ରକୃତିର ଏଇ ଛୋଟ ଗଛ ଘାସ କେଡେ ସୁନ୍ଦର, କମନୀୟ ତଥା ନମନୀୟ ଏଇ ଚରାଭୂଇଁ ଘାସ। ଯାହାକୁ ତୃଣଭୋଜି ପ୍ରାଣୀମାନେ ଭୋଜନ କରି ସୁସ୍ଥ ଓ ନିରାମୟ ଜୀବନ ଜିଅନ୍ତି.ସେଦିନ ସ୍କୁଲରେ ପରିଦର୍ଶକ ଯେବେ ପିଲାଙ୍କୁ ଜାତୀୟ ପତାକାରେ କେତୋଟି ରଙ୍ଗ ଅଛି ପଚାରୁଥିଲେ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ତ ପିଲାଏ ଯଦିଓ ଜାତୀୟ ପତାକାର ତିନୋଟି ରଙ୍ଗ ଠିକ ଠିକ କହୁଥିଲେ କିନ୍ତୁ ତଳ,ଉପର ଓ ମଝି ର ରଙ୍ଗ ଏପଟ ସେପଟ କରି କହିଲାବେଳେ, ଶିକ୍ଷକ ହରି ସାରଙ୍କୁ ଖୁବ ଲାଜ ମାଡିଥିଲା। ସେ ସେଦିନର ସେଇ ଗାନ୍ଧିଜୀଙ୍କ ପିଲାଦିନର ଶିକ୍ଷକଙ୍କ ଭଳି କାହାଠୁ କପି କରି କେଟିଲର ବନାନ ଶୁଦ୍ଧି କରିବାକୁ କହି ପାରୁନଥିଲେ ମଧ ଭୂଇଁରେ ନଖ ମୁନରେ ଗାର କାଟିଲା ବେଳେ ଘାସ ଉପରେ ନଜର ପଡିବାରୁ ଶ୍ରେଣୀର ବୁଦ୍ଧିଆ ଛାତ୍ରକୁ ଆଖିଠାର ମାରି କହିବାକୁ ଚାହୁଁଥିଲେ ଯେ ଜାତୀୟ ପତାକାର ତିନି ରଙ୍ଗ ଭିତରୁ ସବା ତଳ ରଙ୍ଗ ସବୁଜ ଅଟେ, ଠିକ ଘାସ ପରି। ହେଲେ ଶିକ୍ଷକଙ୍କ ଠାର ତାଙ୍କ ପାଖେ ଥାଏ, ପରିଦର୍ଶକ ପିଲାଙ୍କୁ ଠିକ ସେହି କଥା ବୁଝାଇ କହୁଥିଲେ ଯେ ତୁମେ ପଡିଆରେ ଠିଆ ହେଲେ କାହା ଉପରେ ଠିଆ ହୁଅ ତ ଦି ଚାରିଟା ପିଲା ମାଟି ମାଟି ବୋଲି ଉଚ୍ଚାରଣ କରିଥିଲେ ମଧ ପ୍ରାୟ ଅଧିକାଂଶ ପିଲା ଘାସ ଘାସ ବୋଲି ଚିତ୍କାର କରୁଥିଲେ ତ ପରିଦର୍ଶକ ପୁଣି ପ୍ରଶ୍ନ ପରେ ପ୍ରଶ୍ନ ପଚାରି ପିଲାଙ୍କଠୁଁ ଉତ୍ତର ଆଦାୟ କରିସାରିଥିଲେ କି ପଡିଆରେ ଠିଆ ହୋଇଥିଲେ ଆମ ଗୋଡ଼ ଯେପରି ମାଟି ମାଆ ଉପରେ ଉଠିଥିବା ସ୍ନିଗ୍ଧ ଘାସର ରଙ୍ଗ ପରି ସବୁଜ ରଙ୍ଗ ଉପରେ ଥାଏ, ଆମ ଜାତୀୟ ପତାକାର ଗୋଡ଼ ଅର୍ଥାତ ସବା ତଳ ମଧ ସେଇ ସବୁଜ ରଙ୍ଗ। ଏହା ପରେ ଅନ୍ୟ ଦୁଇ ଧଳା ଓ କମଳା ରଙ୍ଗ କୋଉଠି,କେମିତି ଓ ଅଶୋକ ଚକ୍ର ଇତ୍ୟାଦି କଥା ସୁନ୍ଦର ଭାବେ ମନେରହିଗଲା ଭଳି ବୁଝାଇ ଚାଲିଥିଲା ବେଳେ ପରିଦର୍ଶକ ମହାଶୟ,ହରି ସାର କ୍ଲାସ ବାହାରେ ପଡିଆରେ ଥିବା ଘାସ ଉପରେ ନଖ ବିଦାରଣ କରି ଚାଲିବା ସହିତ ଭାବୁଥିଲେ ପ୍ରକୃତରେ ଭାବିବା ଶକ୍ତି ଯାର ଥାଇ। ସୁନ୍ଦର ଭାବେ ବୁଝାଇ କହିବା ସମର୍ଥ ସେ ହୋଇ। ଯାହା ସବୁଦିନ ପାଇଁ ମନେ ରହିଯାଇ। ଏଥର ସେ ନିଶ୍ଚୟ ପିଲାଙ୍କୁ ଏମିତି ପଢ଼େଇବେ ଯେମିତି ଉଦାହରଣ ସବୁ ଏତେ ଯୁଗପଯୋଗୀ ସହ ଆମ ପରିବେଶ ତଥା ପରିବେଷ୍ଟିନ ସହ ଜଡିତ ଥିବ ଯେ ପିଲାଙ୍କର ଠିକ ମନେରହିଯିବ ଖାଲି ଆସୁଥିବା ପରୀକ୍ଷା ପାଇଁ ନୁହେଁ ବରଂ ନିଜେ ବାପା ଓ ଜେଜେ ହେବା ଯାଏଁ। ଛାତ୍ର ଛାତ୍ରୀ ଙ୍କ ଭଳି ଘରେ ପରା ପ୍ରଶ୍ନ ପଚାରି ପଚାରି ଘରର ପୁଅ, ଝିଅ, ନାତି, ନାତୁଣୀ ଅଣାୟତ୍ତ କରନ୍ତି ମାଆ, ବାପା, ଜେଜେ, ଅଜା, ଆଈ ତଥା ଜେଜେମାଆ ଓ ଅନ୍ୟାନ୍ୟ ଗୁରୁଜନ ଶ୍ରେଣୀର ଲୋକଙ୍କୁ। ତ ପିଲାଙ୍କ ପ୍ରଶ୍ନର ଠିକ ଠିକ ଉତ୍ତର ଖାଲି କଥାରେ ନୁହେଁ ବରଂ ଉଦାହରଣ ସହ ମନେରହିବା ଭଳି ଦିଆଯିବା ଉଚିତ।

ଏମିତି କେତେ କ'ଣ ଭାବୁ ଭାବୁ ହରି ସାରଙ୍କ ସାଇକେଲ ଗଡୁଥିଲା ଗାଁ ଆଡ଼େ ନିଜ ଘରକୁ, ସ୍କୁଲ ଛୁଟି ପରେ ପରେ.ମନେପଡ଼ିଗଲା ଘରଟି ତାଙ୍କର ଛାତ ପଡି ଦୁଇମହଲା ବିଶିଷ୍ଟ ହେବା ପରେ ତଳଘର ଭଡା ପାଇଁ ଛାଡି ସେ ଦୁହେଁ ଶିକ୍ଷକ ଦମ୍ପତ୍ତି ଉପରେ ରହିବା ପରେ ତଳ ଘରଟି ଦୁଇ ଜଣଙ୍କୁ ଭାଗ କରି ଅର୍ଥାତ ବାଡ଼ ପକେଇ ଭଡା ଦିଆଯାଇଥିଲେ ବି ଏଇ ଘାସକୁ ନେଇ ଦୁଇ ପଟ ଭଡାଟିଆଙ୍କ ଭିତରେ ଝଗଡା। ଜଣଙ୍କ ପଟେ ବାଇକ ଓ ସାଇକେଲ ଇତ୍ୟାଦି ରହି ଘାସ ମରିଯାଉଥିବା ବେଳେ ଆର ପଟ ଅଧାରେ ଛନଛନ ଘାସ ଉଠିଛି। ଘାସ ଭିତରେ କିନ୍ତୁ ବିଷାକ୍ତ କୀଟ ପତଙ୍ଗ ରହିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ସେପଟର ପଡୋଶୀ କିନ୍ତୁ ଘାସ ନିଜେ ଓପାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି ତ ଆଜି ଯେମିତି ହେଲେ ନିଜେ ହରିସାର ସେପଟ ଘାସତକ ଓପାଡିବାମନସ୍କ ନେଇ ଶନିବାରିଆ ସ୍କୁଲ ଫେରିଲା ବେଳକୁ ଯୋଗକୁ ପରିଦର୍ଶକ ଆଜି ଶନିବାରଟାରେ ଆସି ଘାସକୁ ନେଇ ଜାତୀୟ ପତାକାର ତଳ ରଙ୍ଗ କିପରି ଭେଙ୍କଟ ପିଙ୍ଗଳଙ୍କ ଦୃରଦୃଷ୍ଟିରେ ତଥା ଗାନ୍ଧିଜୀଙ୍କ ଅନୁରୋଧ ଓ ପରାମର୍ଶରେ ରଖାଯାଇଥିଲା ସେସବୁ କଥା ଶୁଣି ଘାସ ଉପରେ ଗୋଟେ ଅହେତୁକ ମାୟା ଆସିଯାଇଥିଲା ହରିସାରଙ୍କର ତ ଆଜି ଘାସ ଓପାଡିବା ଅଭିଯାନ ଆରମ୍ଭ କରିବେ କି ନା ଭାବୁ ଭାବୁ ଘର ଆସିଯାଇଥିଲା କିନ୍ତୁ ଛନଛନ ଘାସ ପୂର୍ଣ୍ଣ ଅଧକ ସ୍ଥାନରେ ଘାସ ନଥିଲା। ଶିଢ଼ି ଦେଇ ଘରକୁ ପ୍ରବେଶ କରୁ କରୁ ସ୍ତ୍ରୀ ଶାନ୍ତି ଦେବୀ କହିଲେ ବୁଝିଲ ସେ ଘାସ ସମସ୍ୟା ଆଉ ନାହିଁ !କୁଆଡେ ଗଲା ଘାସ !କୋଉଠୁ ପାଇବି ଆଉ ସେ ସବୁଜ ରଙ୍ଗର ଖିଲି ଖିଲି ହସି ପବନରେ ଦୋଳାୟିତ ହେଉଥିବା ସେ ମୁଠାକ ଘାସ, ଯାହା ପ୍ରକୃତିର ଦାନ ତଥା ଜାତୀୟ ପତାକାର ସବା ତଳ ରଙ୍ଗ। ହେ କଥାଟା ନଶୁଣି କଣ ଏଣୁ ତେଣୁ ଗପୁଛ କହି ଶାନ୍ତି ଦେବୀ କହୁଥିଲେ ଆମ ବସ୍ତିର ଶେଷମୁଣ୍ଡେ ଘର କରିଥିବା ରହିମ ଚାଚା ଦୁଇଟି ଘୋଡା ଆଣିଛନ୍ତି, ଜାଣିଥିବ। ତାଙ୍କ ଖାଇବା ପାଇଁ, ରହିମ କାକାଙ୍କୁ ଅନୁରୋଧ କରି ଆସୁଥିଲି ଘାସ ଖୁଆଇଦେବା ପାଇଁ ଘୋଡା ଛାଡି ହେଲେ କାକା ଭୁଲିଯାଉଥିଲେ। ଏଣେ ତୁମେ ନିଜେ ଓପାଡ଼ିବ, ଲୋକ ମିଳୁନାଂହାନ୍ତି ପୁଣି ତଳେ ଥିବା ଦୁଇ ପଡୋଶୀଙ୍କ ଭିତରେ ଏଇ ଘାସ ପରି କ୍ଷୁଦ୍ର ଦ୍ରୁମକୁ ନେଇ କଳି ଏଡାଇବାକୁ ଯାଇ ଆଜି ରହିମ କାକାଙ୍କୁ ଅନୁନୟ ବିନୟ କରି କହିବାରୁ ସେ ତାଙ୍କ ଘୋଡା ଦୁଇଟିଙ୍କୁ ଘାସ ଚରେଇ ସଫା କରିଦେଇଛନ୍ତି ଆମ ଘରର ଅଧାପଟ। ପୁଣି ଘାସ ଉଠିଲେ ଘୋଡା ଛାଡିବେ ବୋଲି ଆଶ୍ୱାସନା ମଧ ଦେଇ ସାରିଛନ୍ତି। ଆଁ କରି ସବୁ ଶୁଣୁଥିବା ହରିସାର କହିଲେ ଗଲା !ଆସୁଥିବା ଅଗଷ୍ଟ ପନ୍ଦର ଦିନ ଜାତୀୟ ପତାକାର ରଙ୍ଗକୁ ନେଇ ଆମ ଘର ଆଗରେ ଉଠିଥିବା କଅଁଳ ଛନଛନ ଘାସକୁ ନେଇ ଜାତୀୟ ପତାକାର ରଙ୍ଗ ଉପରେ ସୁନ୍ଦର ଉଦାହରଣ ସାଜିଥିବା ମୁଠେ ଘାସକୁ ଘୋଡା ଖାଇଗଲା !କିଛି ବୁଝିନପାରି ଶାନ୍ତି ଦେବୀ, ସ୍ୱାମୀଙ୍କ ହାତକୁ ହାତକୁ ଲେମ୍ବୁ ମିଶ୍ରି ପାଣି ବଢ଼େଇ ଦେଇ ମୁଣ୍ଡ ଥଣ୍ଡା କର କହୁଥିଲେ ତ ହରିସାର କହୁଥିଲେ ମୌସୁମୀ ଆସିଗଲାଣି ଆଉ ଏ ପାନୀୟର ଆବଶ୍ୟକତା ନାହିଁ। ହଉ ହେଲା.ବର୍ଷା ପଡି ତୁମ ଘାସ ପୁଣି କଅଁଳି ଯିବନି, ବ୍ୟସ୍ତ କାହିଁକି ହେଉଛ ଶୁଣେ କହୁଥିଲେ ଶାନ୍ତି ତ ହରିସାରଙ୍କ ତୁଣ୍ଡରୁ ବଚନ ସ୍ଫୁରୁ ନଥିଲା ଆଉ ଏଥର।

ହରିସାର୍ ହାତରୁ ଲେମ୍ବୁ ମିଶ୍ରି ପାଣି ଗ୍ଲାସଟି ନେଇ ଟେବୁଲ୍ ଉପରେ ରଖିଦେଲେ। ଆଖି ଦୁଇଟି ତାଙ୍କର ଗୃହପ୍ରାଙ୍ଗଣର ସେହି ଶୂନ୍ୟ, ମାଟିସ୍ପୃଷ୍ଟ କ୍ଷେତ୍ର ଉପରେ ନିବଦ୍ଧ ଥିଲା। ଯେଉଁଠି କିଛି ସମୟ ପୂର୍ବରୁ ସବୁଜିମାର ଏକ ଜୀବନ୍ତ କାର୍ପେଟ୍ ଶୋଭା ପାଉଥିଲା, ସେଠାରେ ଏବେ କେବଳ ଘୋଡ଼ାର ଖୁରା ଚିହ୍ନ।

ସାନ୍ତି ଦେବୀ ହସି ହସି କହିଲେ, 'ତୁମେ ଏତେ ଭାବପ୍ରବଣ କାହିଁକି ହେଉଛ ? ଘାସ ତ ଗୋଟିଏ ନଗଣ୍ୟ ଲତା, ପୁଣି ବର୍ଷା ହେଲେ ଗଜା ହୋଇଯିବ।'

ହରିସାର୍ ଗୋଟିଏ ଦୀର୍ଘଶ୍ୱାସ ପକାଇ କହିଲେ, 'ତୁମେ ବୁଝିପାରୁନାହଁ ଶାନ୍ତି ! ସେହି ମୁଠାଏ ଘାସ କେବଳ ଘୋଡ଼ାର ଆହାର ନ ଥିଲା, ତାହା ଥିଲା ପ୍ରକୃତିର ପ୍ରତିନିଧି। ପରିଦର୍ଶକ ମହାଶୟ ଆଜି ସ୍କୁଲରେ ଯେଉଁ ପ୍ରାକୃତିକ ଉଦାହରଣ ଦେଇ ଜାତୀୟ ପତାକାର ସବୁଜ ରଙ୍ଗର ମହତ୍ତ୍ୱ ପିଲାଙ୍କୁ ବୁଝାଇଲେ, ତାହା ମୋ ଆଖି ଖୋଲିଦେଇଥିଲା। ସବୁଜ ରଙ୍ଗ ହେଉଛି ସମୃଦ୍ଧି, ସଶକ୍ତୀକରଣ, ଓ ପ୍ରକୃତିର ସଂଯୋଗର ପ୍ରତୀକ। ଆମେ କେବଳ ବହିରୁ ଗୋଖା ପାଠ ପଢ଼ାଇ ପିଲାଙ୍କୁ ଗଢ଼ିପାରିବା ନାହିଁ, ସେମାନଙ୍କୁ ଆମ ଆଖପାଖର ଜୀବନ୍ତ ପରିବେଶ ସହ ଯୋଡ଼ିବାକୁ ପଡ଼ିବ।'

ସେ ଆହୁରି କହିଲେ, 'ଆସନ୍ତା ଅଗଷ୍ଟ ପନ୍ଦରରେ ମୁଁ ବିଦ୍ୟାଳୟରେ ପିଲାମାନଙ୍କୁ କେବଳ ପତାକାର ତିନୋଟି ରଙ୍ଗ ବିଷୟରେ କହିବି ନାହିଁ, ବରଂ ସେମାନଙ୍କୁ ଏହି ଧରଣୀ ଓ ଘାସର ଉଦାହରଣ ଦେଇ ଆମ ମାଟିକୁ ଭଲପାଇବା ଶିଖାଇବି। ଶିକ୍ଷା ସେତିକିବେଳେ ସଫଳ ହେବ, ଯେତେବେଳେ ଗୋଟିଏ ଶିଶୁ ନିଜ ପରିବେଶରୁ ନୈତିକତା ଓ ସ୍ୱାବଲମ୍ବନଶୀଳତାର ପାଠ ଶିଖିବ।'

ଶାନ୍ତି ଦେବୀ ସ୍ୱାମୀଙ୍କ କଥାର ଗାମ୍ଭୀର୍ଯ୍ୟ ଓ ନିଷ୍ଠା ବୁଝିପାରି ନୀରବି ଗଲେ। ସନ୍ଧ୍ୟାର ଶୀତଳ ପବନରେ ଆକାଶରୁ ଝିପିଝିପି ବର୍ଷା ଟୋପା ପଡ଼ିବା ଆରମ୍ଭ ହେଲା। ହରିସାର୍ ବାରଣ୍ଡାରେ ଠିଆହୋଇ ଓଦା ମାଟିର ମହକ ନେଲେ। ତାଙ୍କ ମନରେ ଏକ ନୂତନ ଆଶା ଜାଗ୍ରତ ହେଲା- ବର୍ଷା ଜଳରେ ଏହି ମାଟି ପୁଣି ସବୁଜିମାରେ ହସିଉଠିବ, ଠିକ୍ ଯେମିତି ସଠିକ୍ ଶିକ୍ଷାର ସ୍ପର୍ଶରେ ଗୋଟିଏ ଶିଶୁର ଭବିଷ୍ୟତ ବିକଶିତ ହୋଇଉଠେ। ସେ ନିଜ ମନକୁ ଦୃଢ଼ କଲେ, ଆସନ୍ତା ସୋମବାରଠାରୁ ସେ ବିଦ୍ୟାଳୟରେ ଶିକ୍ଷାଦାନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବେ, ଯେଉଁଥିରେ ପାଠ୍ୟପୁସ୍ତକ ସହ ପ୍ରକୃତି ଓ ମାନବିକତାର ଜୀବନ୍ତ ଆଲେଖ୍ୟ ରହିବ।

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*

# ବନ୍ଧୁତା

ବନ୍ଧୁତା ପାଖରେ ଧନୀ ଗରିବ
ନ ଥାଏ ଭାବନା ଈର୍ଷାର ଭାବ
ପ୍ରେମ ବଢ଼ିଗଲେ ବନ୍ଧୁତା ବଢ଼େ
ଘୃଣା ହୋଇଗଲେ ବନ୍ଧୁତା ଛିଡ଼େ।
କୃଷ୍ଣ ସୁଦାମାଙ୍କ ବନ୍ଧୁ କାହାଣୀ
ସମାଜକୁ ଶିକ୍ଷା ଆଦର୍ଶ ବାଣୀ।
ବନ୍ଧୁ ପରି କେହି ନାହିଁ ସଂସାରେ
ବନ୍ଧୁ ମହାନ୍ତି ଭାବ ରଖିଗଲେ।
ଜଗନ୍ନାଥ ସଦା ଭକ୍ତର ବନ୍ଧୁ
ସାଲବେଗ ଜଣାଣ ହୃଦୟ ଇନ୍ଦୁ।
ଧର୍ମ ହାରିଗଲା ଭକ୍ତି ଆଗରେ
ବନ୍ଧୁ ଜିତିଗଲା ଏ ମହୀତଳେ।
ରହିଗଲା କଥା ଯୁଗ ଯୁଗକୁ
ଭାବ ଦେଉଥିବ ପ୍ରତି ପ୍ରାଣକୁ।
ବନ୍ଧୁତ୍ୱ ସମ୍ପର୍କ ସତ୍ୟ ସୁନ୍ଦର
ଜୀବନ ପଥରେ ପୁଣ୍ୟ ସମ୍ଭାର।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

# ଆଜିର ଯୋଗାଯୋଗ ମାଧ୍ୟମ

କଥା କହିପାରୁନଥିବା ନିର୍ଜୀବ ତୁମେ
ବସ୍ତୁଟିଏ
ପିଲା ଠାରୁ ବୁଢ଼ା ଯାଏଁ ମନ କିଣିନିଅ
ତୁମରି ମାୟାରେ ପଡ଼ି ଅଛନ୍ତି ସଭିଏଁ
ତୁମକୁ ଯିଏ ଦେଖେ ଆନନ୍ଦରେ
କୋଳେ ଆଉ ଯାଏ।
ଆଜକୁ ପ୍ରାୟ ତିରିଶି ବର୍ଷ ତଳେ
ତୁମେ ଜନ୍ମନେଲ
ଯୋଗାଯୋଗ ସୁଯୋଗର ସରଳ
ମାଧ୍ୟମ ହେଲ
ମନଲୋଭା କଥାସହ ଗୀତ ନାଚର
ସମ୍ଭାର ହେଲ।
ଜଗତର ସବୁ ପ୍ରଶ୍ନ ଉତ୍ତର ଦେଇ
ଜ୍ଞାନର ଭଣ୍ଡାରହେଲ
ଅନ୍ଧକାର, ବାଟହୁଡା ସାଥୀ ହୋଇ
ତୁମେ
ସହଯାତ୍ରୀ ହୋଇ ଆଲୋକ ବର୍ତ୍ତିକା
ସାଜିଲ
ଶିଶୁର ଶରୀର କ୍ରମେ କାୟା
ବିସ୍ତାରିଲା
ମନଲୋଭା ରୂପ ଗୁଣ ପ୍ରକାଶିତ
ହେଲା
ମାନବ ସମାଜ ମଧ୍ୟେ ଦୂରତା କମାଇ
ବିଶାଳ ବିଶ୍ୱକୁ ଏକସୂତ୍ରେ ବାନ୍ଧି
ବସୁଧେଇବ କୁଟୁମ୍ବକମ ପ୍ରତିଷ୍ଠା ଲକ୍ଷ୍ୟ
ନେଲ
କିନ୍ତୁ ଆଜି ଉପସ୍ଥିତ ସନ୍ଧିକ୍ଷଣ ମଧ୍ୟେ
ବ୍ୟବହାର ପରିବର୍ତ୍ତେ ଅପବ୍ୟବହାର
ଆଣିଛି ଦୁଶ୍ଚିନ୍ତା ସବୁ ରୋଗର କାରଣ
ସମୟ ଚୋରାଇ ନିଏ ତୁମ ସ୍ପର୍ଶ
ଲଭି
ଦୂରତା କମିବା ପରିବର୍ତ୍ତେ
ମୂଲ୍ୟବାନ ସମ୍ପର୍କ ତ ନଷ୍ଟ
ହୋଇଯାଏ
କର୍ମକୁ ଅକର୍ମ କରି ମିଥ୍ୟା ପରସାଏ।

**ଲଭଲି ପୁରବୀ**
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

# ମାନ ସମ୍ମାନର କଥା

**ମୂଳହିନ୍ଦୀ: ଅରୁଣ ସୋନୀ**
**ଅନୁସୃଜନ: ବିନୟ କୁମାର ଦାସ**

ସ୍ଥାନୀୟ କ୍ଲବରେ ନାଇଟ୍ ପାର୍ଟି ଚାଲିଥାଏ । ସମସ୍ତେ ବେଶ୍ ଖୁସ୍ ମିଜାଜରେ ରହିଥାନ୍ତି । ଥଟ୍ଟା ମଜା ଆଉ ନାଚଗୀତରେ ମାତିଥାନ୍ତି ନିଜ ନିଜର ସାଥୀ ସହିତ । ଜଣାଯାଉଥାଏ ସତେ ଯେମିତି ସେମାନେ ଏକ ଭିନ୍ନ ମୁଲକରେ ରହିଛନ୍ତି ଏବେ। ରଙ୍ଗୀନ ଝିଲ୍‌ମିଲ୍ ଆଲୁଅ ଆଉ ବିଭିନ୍ନ ପ୍ରକାରର ଉତ୍ତେଜକ ମ୍ୟୁଜିକ ସେମାନଙ୍କୁ ଆହୁରି ମତୁଆଲା କରିଦେଉଥାଏ। ସଭିଏଁ ଭାବୁଥାନ୍ତି ଏ ରାତିର ଶେଷ ନ ହୁଅନ୍ତା କି ! ଏମିତି ବେଳାରେ ଖବରଟିଏ ଆସି ପହଞ୍ଚିଲା ସେଇଠି । ହଠାତ୍ ସବୁ ଖୁସି କିଛି କ୍ଷଣ ପାଇଁ ଅଟକିଗଲା । ସମସ୍ତେ ସେହି ବିଷୟରେ ଅଧିକ ଗୁରୁତ୍ୱ ଦେଇ ଆଲୋଚନା କରିବାକୁ ଲାଗିଲେ । ଖବରଟି ଥିଲା, ଏକ ଷ୍ଟାର ହୋଟେଲରୁ ସେଠାକାର ପୋଲିସ୍ ରେଡ୍ କରି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା କିଛି ସମ୍ଭ୍ରାନ୍ତ ଘରର ପୁଅ ଝିଅଙ୍କୁ ଥାନାକୁ ନେଇ ଆସିଛି । ସେହି ପାର୍ଟିରେ ମଜଗୁଲ ଥିବା ଗୁପ୍ତାଜୀଙ୍କ ଝିଅ ବି ସେହି ଅଟକ ରହିଥିବା ଯୁବତୀମାନଙ୍କ ଭିତରୁ ଜଣେ । ଏତକ ପ୍ରଚାର ହୋଇଯିବା ପରେ ସବୁ ମଜା ଫିକା ପଡ଼ିଗଲା । ନାଚଗୀତରୁ କିଛି କ୍ଷଣ ପାଇଁ ବିରତ ହୋଇ ପରସ୍ପର ଭିତରେ ଏହି ବିଷୟ ଉପରେ ଯିଏ ଯାହାର ଟିପ୍‌ପଣୀ ଦେବାକୁ ଆରମ୍ଭ କରିଦେଲେ । ଅବଶ୍ୟ ଏମିତି ଏକ ଖବର ବା ବିଷୟ ଉପରେ କିଛି ମନ୍ତବ୍ୟ ଦେବାରେ ବା ଆଲୋଚନା କରିବାରେ ବହୁତ ମଜା ମିଳିଥାଏ । ମଉକା ମିଳିଛି ଯେତେବେଳେ ଗୁପ୍ତାଜୀଙ୍କୁ କିଛି ମୁରବୀପଣିଆ କଥା ଶୁଣାଇବା ଦରକାର। ସମସ୍ତଙ୍କର ପାଟି ଖଲବଲ ହେବାକୁ ଲାଗିଲା । ଯିଏ ଯେତେ ପ୍ରକାରର କଥା କହିବାର କହିଲେ। ସାକସେନାବାବୁ କହିଲେ, "ବୁଝିଲେ ଗୁପ୍ତାଜୀ, ପିଲାମାନଙ୍କୁ ଆରମ୍ଭରୁ ଉତମ ସଂସ୍କାର ଦେଇଥିଲେ, ଆଜି ଏମିତି ଏକ ଲଜ୍ଜାକର ପରିସ୍ଥିତି ହୋଇ ନଥାନ୍ତା । ସିଏ ଯଦି ମୋ ଝିଅ ହୋଇଥାନ୍ତା, ତେବେ ତ ମୁଁ ତାକୁ ଗୁଳିରେ ଉଡ଼ାଇଦିଅନ୍ତି । ସେଥିପାଇଁ ମୋତେ ଯେତେ ଯାହା ଦଣ୍ଡ ମିଳୁଛି ମିଳୁ...ଛି..ଛି.. ସେ ଝିଅର ବି ଟିକେ ଲାଜସରମ ନାହିଁ କି ନିଜ ବାପାମାଆଙ୍କ ମାନ ସମ୍ମାନ କଥା ଚିନ୍ତା କରିବାକୁ ସାଧାରଣ ଜ୍ଞାନ ଟିକେ ବି ନାହିଁ।"

ସେ ଆହୁରି କ'ଣ କହିଥାନ୍ତେ, କିନ୍ତୁ ସେତିକିବେଳେ ତାଙ୍କ ମୋବାଇଲ୍ ରିଂ ହେଲା। ସେ ତୁରନ୍ତ ମୋବାଇଲ ଅନ୍ କଲେ, କିଛି ସମୟ କାହା ସହିତ କଥା ହେଲେ । କଥା ହେଉଥିବା ସମୟରେ ତାଙ୍କ ମୁହଁର ରଙ୍ଗ କେମିତି ଧୀରେଧୀରେ ଫିକା ପଡ଼ିଆସୁଥିଲା। ଫୋନ୍ ବନ୍ଦ କରି ସେ ନିଜର ପତ୍ନୀଙ୍କୁ ଧରି କ୍ଲବରୁ ବାହାରି ଆସିଲେ। ରାସ୍ତାରେ ଛିଡ଼ା ହୋଇ ତାଙ୍କ ଓକିଲକୁ ଫୋନ୍ ଲଗାଇଲେ। "ହେଲୋ, ମୁଁ ମି. ସାକସେନା କହୁଛି । ଆପଣ ଯେଉଁଠି ବି ଅଛନ୍ତି ତୁରନ୍ତ ଆସନ୍ତୁ । ବାନ୍ଦ୍ରା ପୋଲିସ ଷ୍ଟେସନରେ ମୁଁ ଆପଣଙ୍କୁ ଅପେକ୍ଷା କରିଛି । ଅତି ଜରୁରୀ କଥା । ପୋଲିସ୍ ମୋ ପୁଅକୁ ଥାନାରେ ଅଟକାଇ ରଖିଛି । ତା' ବେଲ୍‌ର ବ୍ୟବସ୍ଥା କରିବେ। ଯେତେ ଯାହା ଖର୍ଚ୍ଚ ହେବ କରିବାକୁ ମୁଁ ପ୍ରସ୍ତୁତ ଅଛି। ପ୍ଲିଜ୍, ଆଦୌ ଡେରି କରନ୍ତୁ ନାହିଁ। ମୋ ମାନ ସମ୍ମାନର କଥା, ବୁଝିପାରୁଥିବେ ତ। ବି କୁଇକ୍।"

*ଅନାମିକା ନୀଡ଼, ଅଙ୍ଗାରଗଡ଼ିଆ, ବାଲେଶ୍ୱର-୧*
*ମୋ- ୭୯୭୮୮୬୦୩୬୩*

ଜାତୀୟ ଚେତନା
JATIYA CHETANA



# ଭାରତର ସିରିଜ୍ କ୍ଲିନ୍ ସ୍ୱିପ୍

## ଜିମ୍ବାୱେ ୩୫ ରନ୍‌ରେ ହାରିଲା ଅନ୍ତିମ ଟି-୨୦



ହରାରେ,(ଏଜେନ୍ସି): ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଭାରତ ୩୫ ରନ୍‌ରେ ଘରୋଇ ଜିମ୍ବାୱେକୁ ହରାଇ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍ କରିଛି। ଭାରତ ପ୍ରଥମେ ୫ ୱିକେଟ୍ ହରାଇ ୨୯୨ ରନ୍ କରିଥିବା ବେଳେ ଜିମ୍ବାୱେ ୭ ୱିକେଟ୍ ବିନିମୟରେ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା।

୧୯୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଜିମ୍ବାୱେକୁ ପ୍ରଥମ ବଲ୍‌ରେ ମୟଙ୍କ ଯାଦବ ପ୍ରଥମ ଝଟ୍‌କା ଦେଇଥିଲେ। ସେ ଓପ୍ନର୍ ବ୍ରାଏନ୍ ବେନେଟ୍‌ଙ୍କୁ ପ୍ରଥମ ସ୍ଲିପ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ଯଶ୍ ଠାକୁର ଚତୁର୍ଥ ଓଭର୍‌ରେ ଦୁଇଟି ୱିକେଟ୍ ନେଇ ବାଜି ପଲାଟାଇ ଦେଇଥିଲେ। ଯଶ୍ ଓଭର୍‌ର ତୃତୀୟ ବଲ୍‌ରେ ଡିଓନ୍ ମେୟର୍ସ ଏବଂ ପରବର୍ତ୍ତୀ ବଲ୍‌ରେ କ୍ୟାପ୍‌ଟେନ୍ ସିକନ୍ଦର ରଜାଙ୍କୁ ପ୍ୟାଭିଲିଅନ୍ ଫେରାଇଥିଲେ। ମେୟର୍ସ ୧୫ ବଲ୍‌ରେ ୧-୧ ଛକା ଓ ଚୌକା ସହ ୧୯ ରନ୍ କରିଥିବା ବେଳେ ରଜା ଖାତା ଖୋଲିପାରି ନଥିଲେ। ବେନ୍ କରନ୍ (୨୦)ଙ୍କୁ ଆଉଟ୍ କରି ରବି ବିଷ୍ଣୋଇ ଭାରତକୁ ଚତୁର୍ଥ ସଫଳତା ଦେଇଥିଲେ। ଏହାପରେ ମୟଙ୍କ ଦ୍ରୁତ ରନ୍ ସଂଗ୍ରହ କରୁଥିବା ୱେସ୍‌ଲି ମାଧେଭେରେ (୨୮)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ମାଧେଭେରେ ଓ ରେୟାନ୍ ବର୍ଲଙ୍କ ମଧ୍ୟରେ ୬୦ ରନ୍‌ର ଉନ୍ନତ ପାର୍ଟନରଶିପ୍ ହୋଇଥିଲା। ତାଦିଭନାଶେ ମାରୁମନି (୧ରନ୍)ଙ୍କୁ ଆଉଟ୍ କରି ଅଶୋକ ଶର୍ମା ଜିମ୍ବାୱେର ୬ଷ୍ଠ ୱିକେଟ୍ ପତନ ଘଟାଇଥିଲେ। ଶେଷ ଓଭର୍‌ରେ ବ୍ରାଡ୍ ଇଭାନ୍ସ (୨୮)ଙ୍କୁ ଆଉଟ୍ କରି ମୟଙ୍କ ଜିମ୍ବାୱେ ଇନିଂସ୍‌ର ଅନ୍ତ ଘଟାଇଥିଲେ। ରେୟାନ୍ ବର୍ଲ ୪୩ ବଲ୍‌ରେ ୫ ଚୌକା ସହାୟତାରେ ୫୪ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଭାରତ ଦ୍ୱିତୀୟ ଓଭର୍‌ରେ ଅଭିଷେକ ଶର୍ମାଙ୍କ ୱିକେଟ୍ ହରାଇଥିଲା। ଅଭିଷେକ ମାତ୍ର ୨ ରନ୍ କରିଥିବା ବେଳେ ଦ୍ୱିତୀୟ ଓଭର୍‌ରେ ବ୍ଲେସିଂ ମୁଜରବାନୀଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ।

ଏହାପରେ ଯୁବ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଶଟ୍ ଲଗାଇ ୪୯ ବଲ୍‌ରେ ୮ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୮୧ ରନ୍ କରିଥିଲେ। ସେ ଈଶାନ୍ କିଶନ୍‌ଙ୍କ ସହ ଦ୍ୱିତୀୟ ୱିକେଟ୍ ପାଇଁ ୭୫ ଏବଂ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍‌ଙ୍କ ସହ ତୃତୀୟ ୱିକେଟ୍ ପାଇଁ ୫୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଈଶାନ୍ କିଶନ୍ ୨୬ ବଲ୍‌ରେ ୨୯ ରନ୍ ଏବଂ ଶ୍ରେୟସ୍ ୧୪ ବଲ୍‌ରେ ୨୭ ରନ୍ କରିଥିଲେ। ରିଙ୍କୁ ସିଂହ ୧୪ ବଲ୍‌ରେ ୨୫ ରନ୍ କରି ଶେଷ ବଲ୍‌ରେ ଆଉଟ୍ ହୋଇଥିଲେ। ତିଳକ ବର୍ମା ୧୧ ରନ୍‌ରେ ଅପରାଜିତ ରହିଥିଲେ। ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ୍ସ ୨ଟି ୱିକେଟ୍ ନେଇଥିବା ବେଳେ ସିକନ୍ଦର ରଜା, ବ୍ଲେସିଂ ମୁଜରବାନୀ ଏବଂ ୱେସ୍‌ଲୀ ମେଧେଭେରେ ୧-୧ ୱିକେଟ୍ ପାଇଥିଲେ।

# ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ଜିତିଲା ଭାରତ

ନୂଆଦିଲ୍ଲୀ,(ଏଜେନ୍ସି): ଓମାନ୍‌ର ମସ୍କଟ୍‌ରେ ଖେଳାଯାଇଥିବା ଏଫ୍ଆଇଏଚ୍ ୟୁଥ୍ ହକି ଫାଇଭ୍‌ସ ଏସିଆନ୍ ଚାମ୍ପିଅନ୍‌ଶିପ୍ ୨୦୨୬ରେ ଭାରତର ସବ୍-ଜୁନିୟର୍ ପୁରୁଷ ଟିମ୍ ଫାଇନାଲ୍‌ରେ ପାକିସ୍ତାନକୁ ୩-୧ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ଭାରତ ପକ୍ଷରୁ ରୋମିତ ପାଲ୍, କ୍ୟାପ୍‌ଟେନ୍ କେତନ କୁଶୱାହା ଏବଂ ଶାହରୁଖ୍ ଅଲୀ ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅଜେୟ ରହିଛି। ସେହିପରି ସବ୍-ଜୁନିୟର୍ ମହିଳା ଟିମ୍ ଫାଇନାଲ୍‌ରେ ଚୀନ୍‌ଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଫାଇନାଲ୍‌ରେ ପହଞ୍ଚିବା ସହିତ ଭାରତୀୟ ପୁରୁଷ ଓ ମହିଳା ଟିମ୍ ଏଫ୍ଆଇଏଚ୍ ୟୁଥ୍ ହକି ଫାଇଭ୍‌ସ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଉପଲବ୍ଧି ପାଇଁ ହକି ଇଣ୍ଡିଆ ପୁରୁଷ ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରିଛି। ସେହିପରି ମହିଳା ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କୁ ଏକ ଲକ୍ଷ ଏବଂ ସପୋର୍ଟ ଷ୍ଟାଫ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୫୦ ହଜାର ଟଙ୍କା ମିଳିବ।

# ଇତିହାସ ରଚିଲେ ଅନାହତ ସିଂହ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ୧୮ ବର୍ଷୀୟା ସ୍କ୍ୱାଶ୍ ଖେଳାଳି ଅନାହତ ସିଂହ ବିଶ୍ୱ ସ୍କ୍ୱାଶ୍ ଜୁନିୟର୍ ଚାମ୍ପିଅନ୍‌ଶିପ୍ ଟାଇଟଲ୍ ଜିତି ଇତିହାସ ରଚିଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲ୍‌ରେ ସେ ଦ୍ୱିତୀୟ ସିଡ୍ ଇଜିପ୍ଟର ରୁକ୍ୟା ସଲେମ୍‌ଙ୍କୁ ୧୧-୩, ୧୧-୭, ୧୧-୯ରେ ହରାଇଛନ୍ତି। ଏହା ସହିତ ଜୁନିୟର୍ ବିଶ୍ୱ ଚାମ୍ପିଅନ୍ ହେବାରେ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଜ୍ୟୋତ୍ସ୍ନା ଚିନାପ୍ପାଙ୍କ ନାମରେ ଥିଲା। ସେ ୨୦୦୫ରେ ରନର୍ସଅପ୍ ହୋଇଥିଲେ। ଅନାହତ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଛନ୍ତି।

ଟୁର୍ଣ୍ଣାମେଣ୍ଟ ୨୦୧୧ରୁ ଲଗାତାର ଇଜିପ୍ଟ ଖେଳାଳି ଟାଇଟଲ୍ ଜିତିଆସୁଥିଲେ।

ବାଳିକା ଜୁନିୟର୍ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ୨୦୧୧ରୁ ଲଗାତାର ଇଜିପ୍ଟ ଖେଳାଳି ଟାଇଟଲ୍ ଜିତିଆସୁଥିଲେ। ମାତ୍ର ଫାଇନାଲ୍‌ରେ ରୁକ୍ୟା ସଲେମ୍‌ଙ୍କୁ ହରାଇ ଅନାହତ ଏହି କ୍ରମର ଅନ୍ତ ଘଟାଇଛନ୍ତି। ପୂରା ଟୁର୍ଣ୍ଣାମେଣ୍ଟରେ ସେ ୬ ମ୍ୟାଚ୍ ଖେଳିଥିବା ବେଳେ ମାତ୍ର ଦୁଇଟି ଗେମ୍ ହରାଇଛନ୍ତି। ଅନାହତ ଗତବର୍ଷ ଜୁନିୟର୍ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଚଳିତ ଥର ସେ ଏହାକୁ ସ୍ୱର୍ଣ୍ଣରେ ପରିବର୍ତ୍ତିତ କରିଛନ୍ତି। ଚାରି ଥରର ଚାମ୍ପିଅନ୍ ଇଜିପ୍ଟର ଅମୀନା ଉର୍ଫି ବୟସ ସୀମା କାରଣରୁ ଚଳିତ ଥର ଟୁର୍ଣ୍ଣାମେଣ୍ଟ ଖେଳିନଥିଲେ।

ସିନିୟର୍ ପିଏସ୍ଏ ର୍‍ୟାଙ୍କିଙ୍ଗ୍‌ର ୨୦ତମ ସ୍ଥାନରେ ଥିବା ଅନାହତଙ୍କ ନଜର ଏବେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ଉପରେ ରହିବ। ୨୦୨୮ ଅଲିମ୍ପିକ୍‌ରେ ପ୍ରଥମ ଥର ସ୍କ୍ୱାଶ୍‌କୁ ସାମିଲ କରାଯାଇଛି।

ଚଳିତ ଥର ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଅନାହତଙ୍କ ବ୍ୟତୀତ ଭାରତର ୟୁସା ନଫିସ୍, ଅନିକା ଦୁବେ ଏବଂ ସାନ୍‌ଭୀ କଳଙ୍କୀ ରାଉଣ୍ଡ ଅଫ୍ ୩୨ରୁ ବାହାର ହୋଇଯାଇଥିଲେ। ସେହିପରି ବାଳକ ବିଭାଗରେ ଆର୍ଯ୍ୟବୀର ଦିୱାନ୍ ଭାରତର ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। ସେ ପ୍ରି-କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ସିଂହ ଓ ଗୁରବୀର ସିଂହ ରାଉଣ୍ଡ ଅଫ୍ ୩୨ ଏବଂ ପୂରବ ରାମଭିୟା ରାଉଣ୍ଡ ଅଫ୍ ୬୪ରେ ହାରିଯାଇଥିଲେ।

## ମଧୁର ପ୍ରେମ



ମୟୂରୀ ଡାକିଲା କଳାମେଘଦେଖି
ମୟୂର ଆସିଲା ଉଡ଼ି
କଳାମେଘ ଦେଖି ରହିନପାରିଲା
ସଲିଳ ଝରିଲା ପଡ଼ି ॥
ନାଚି ନାଚି ଆସି ମୟୂର ମୟୂରୀ
ଆଗରେ ମେଲେଇ ପୁଚ୍ଛ
ପ୍ରେମୀର ପ୍ରେମକୁ ପ୍ରେମରେ ପ୍ରମାଣି
ଝାଡ଼ି ଯାଏ ନିଜ ପୁଚ୍ଛ ॥
ପୀରତିର ଭାଷା ବୁଝି ବୁଝାଇଣ
ମୟୂର ମୟୂରୀ ମିଶି
ଏକାକାର ହେଲେ ବନସ୍ତ ମଧ୍ୟରେ
ଭୁଲିଗଲେ ଦିବାନିଶି ॥
ମଲ୍ଲୀ ମାଳତୀ କି ରଜନୀଗନ୍ଧାର
ବାସ ନଛୁଟିଲା ବନେ
ବାସନାର ବାସ ମହକାଇଦେଇ
ଉଡ଼ିଗଲେ ଯେ ଗଗନେ ॥
ଝଡ଼ିଗଲା କେତେ ଚନ୍ଦ୍ରିକା ଦେହରୁ
ପଡ଼ିଗଲା ଧରା ପରେ
ଚନ୍ଦ୍ରିକା ଆବୋରି କେଶବ ରଖିଲେ
ପ୍ରେମ ପ୍ରତୀକକୁ ଶିରେ ॥
ତୁମେଗୋ ମୟୂର କରିଥିଲ ପ୍ରେମ
ଏକ କେକୀ ଏକାନ୍ତରେ
କୃଷ୍ଣଙ୍କୁ କିପରି ଶିଖାଇଲ କୁହ
ପ୍ରେମ ଗୋପନଗରୀରେ ॥
ତୁମ ଚନ୍ଦ୍ରିକାକୁ ନେଇ ନନ୍ଦପୁଅ
ପ୍ରେମ କଲେ ଗୋପପୁରେ
ଶତ ଗୋପନାରୀ କୃଷ୍ଣଙ୍କୁ ଆଦରି
ରମିଲେ କୁଞ୍ଜବନରେ ॥
ଷୋଡ଼ଶହସ୍ର ଯେ ଗୋପୀ ଗୋପନରେ
କୃଷ୍ଣଙ୍କୁ ହୃଦୟ ଦେଇ
ଦେଖୁଥିଲେ ନିତି ଶ୍ୟାମଳ ସ୍ୱରୁପ
ଯମୁନା କୂଳକୁ ଯାଇ ॥
ଗୋପେ ଗୋପୀ ଗଣ ଶୁଣି ବଂଶୀସ୍ୱନ
କୃଷ୍ଣ ପ୍ରେମେ ହେଲେ ବାଇ
କୃଷ୍ଣ ଏକାନ୍ତରେ ରାଧିକା ସାଥିରେ
କଦମ୍ବ ବନକୁ ଯାଇ ॥
ବାହୁ ବନ୍ଧନରେ ରାଧାକୃଷ୍ଣଙ୍କର
ଯୁଗଳ ମୁରତି ଦେଖି
ସ୍ୱର୍ଗ ମର୍ତ୍ତ୍ୟ ତିନି ଲୋକରେ ଚହଳ
ଆଖି ଯାଉଥିଲା ଲାଖି ॥
କହେ ଦିଗମ୍ବର ଯୋଡ଼ି ବେନିକର
କୃଷ୍ଣ ଚରଣାରବିନ୍ଦେ
ପ୍ରେମର ପ୍ରତିକ ପ୍ରେମର କାହାଣୀ
କହି ପ୍ରଭୁ ପାଦ ବନ୍ଦେ ॥

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି
ପିନ୍- ୭୬୪୦୪୫
ମୋ- ୯୭୭୬୪୫୬୪୮୭

## ଅଦୃଶ୍ୟ ଆଘାତ

ଅସହ୍ୟ ସେ ଅଦୃଶ୍ୟ ଆଘାତ
ମଣିଷ ସେ ଆଘାତର ଯନ୍ତ୍ରଣାକୁ
ସିନା ଭୁଲିଯାଏ,କିଛି କ୍ଷଣ ପାଇଁ
ବା କିଛିଦିନ ପାଇଁ
କିନ୍ତୁ ସେ ଅଦୃଶ୍ୟ ଯନ୍ତ୍ରଣା ଜଳୁଥାଏ
ହୃଦୟରେ କୁହୁଳି, କୁହୁଳି।
କାହା କପଟତାର ଯନ୍ତ୍ରଣା ଜର୍ଜରିତ
ମର୍ମଭେଦୀ ଶକ୍ତ ପ୍ରହାରର ଦାଗକୁ
କ'ଣ ସେ ଲିଭାଇପାରେ ତା' ମନରୁ
ନା ହୃଦୟରୁ ଏତେ ସହଜରେ।
କର୍ମମୟ ଜୀବନର ସଂସାର ବୋଝର
ଭାରକୁ ବହନ କରି, କର୍ତ୍ତବ୍ୟର ଦ୍ୱାହିରେ
ହଜିଯାଏ ମଜ୍ଜିଯାଏ
କ୍ଷଣିକ ସୁଖରେ ତନ୍ମୟ ହୁଏ।
ହେଲେ ପୁଣି କେତେବେଳେ
ଏକ ନିରୋଳା ମୁହୂର୍ତ୍ତରେ
ତା' ସୁପ୍ତ ଚେତନା ଜାଗ୍ରତ ହୁଏ
ତା' ସ୍ମୃତିର ଚିତ୍ରପଟ୍ଟରେ ତନ୍ନତନ୍ନ
ହୋଇ ଭାସି ଆସେ ସେହି ଆଘାତରେ
ତିଳ ତିଳ ହୋଇ ଜଳୁଥିବା
ତା' ହୃଦୟର ଲେଲିହାନ ବହ୍ନି ଶିଖା।
ତା' ଆତ୍ମା ଫଟାଇ
ନୀରବରେ ନିଗିଡ଼ି ପଡୁଥିବା
ବିନ୍ଦୁ, ବିନ୍ଦୁ ଲୁହକୁ ସେ
ଶୁଖିବାକୁ ଦିଏ ନାହିଁ
ସଂକଳ୍ପର ଦ୍ୱାହିରେ, ହାରିବାର ନୁହେଁ
ଜିତିବାର ଲକ୍ଷ୍ୟରେ, ତା' ଶରୀରର
ତନ୍ତ୍ରୀରେ ସାଇତି ରଖେ
ଜୀବନର ଶେଷ ଯାଏ ଲହୁ କରି।

**ଅମ୍ବିକା ସ୍ୱାଇଁ**
ଭୁବନେଶ୍ୱର
ମୋ: ୯୭୭୭୫୯୯୬୯୫

## ପରିଚୟ

ମୁଁ ସିଏ ଯିଏ ନିଜକୁ ଖୋଜେ
ପ୍ରକୃତିର ମହକ ଆଉ କୁହୁକରେ,
କେବେ ହଜାଏ
ପୁଣି ଖୋଜେ ସେ
ଈଶ୍ୱରଙ୍କ ମନଲୋଭା
ଇଲାକାରେ।
ମୁଁ ସିଏ ଯିଏ ନିଜକୁ ଖୋଜେ
କବିର ଭାବନା
ଆଉ କବିତାର
ପ୍ରତିଟି ପୃଷ୍ଠାରେ,
କିଛି ବୁଝା ଅବୁଝା
ଶବ୍ଦର ବୁଢ଼ିଆଣୀ
ଜାଲରେ।
ମୁଁ ସିଏ ଯିଏ ନିଜକୁ ଖୋଜେ
ପ୍ରେମ ବନ୍ଧୁତାର
ଆଲୋଚନା ପୁଣି
ସମାଲୋଚନାରେ,
କେତେ ପ୍ରଶଂସାର ଛିଟା
ପୁଣି ଶ୍ରୁତିକଟୁ
ସମାଲୋଚନାରେ।

**ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ଢେଙ୍କାନାଳ

ଜାତୀୟ ଚେତନା
JATIYA CHETANA





## ଇଣ୍ଡଷ୍ଟ୍ରିରେ ଭଲ ନୁହେଁ

ଇଣ୍ଡଷ୍ଟ୍ରି ଭିତରେ ୨୬ ବର୍ଷ କାଟିସାରିଛନ୍ତି ଅଭିନେତା ଅଭିଷେକ ବଚ୍ଚନ। 'ରିଫ୍ୟୁଜି' ସିନେମାରୁ କ୍ୟାରିୟର ଆରମ୍ଭ କରିଥିବା ଅଭିଷେକ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସମୟ ସହିତ ସେ କ୍ୟାମେରା ସମ୍ମୁଖରେ ଅଧିକ ସହଜ ଏବଂ ଆତ୍ମବିଶ୍ୱାସୀ ଅନୁଭବ କରୁଛନ୍ତି। ଯାହା ତାଙ୍କୁ କେଉଁ ସିନେମା କରିବା ଉଚିତ ଏବଂ କେଉଁଟି ନୁହେଁ ସେ ନେଇ ସ୍ପଷ୍ଟ ନିଷ୍ପତ୍ତି ନେବାରେ ସାହାଯ୍ୟ କରୁଛି। ପ୍ରାରମ୍ଭିକ ଦିନରେ କାମ ମିଳିବା ନ ମିଳିବାର ଆଶଙ୍କା ଥିଲେ ମଧ୍ୟ ଏବେ ପରିପକ୍ୱତା ଯୋଗୁଁ ସେ ନିଜ ନିଷ୍ପତ୍ତିରେ ଦୃଢ଼ ରହୁଛନ୍ତି। ସେଥିପାଇଁ ଅନ୍ୟ କଳାକାରଙ୍କୁ ନେଇ କେବେବି ଅସୂୟାଭାବ ମନେ କରିନାହାନ୍ତି ଅଭିଷେକ।





## ଶ୍ରେୟାଙ୍କ ଆକ୍ଷେପ

ରିଆଲିଟି ଶୋ' 'ଲକ୍ ଅପ୍' ସେଟ୍‌ରୁ ଅନେକ ଖବର ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ଥିବା ପ୍ରତିଯୋଗୀ ଶ୍ରେୟା କାଲରା ଟେଲିଭିଜନ ସୁପରଷ୍ଟାର ହର୍ଷଦ ଚୋପ୍ରାଙ୍କ ଉପରେ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କୁ 'ଅହଂକାରୀ' ବୋଲି କହିଛନ୍ତି। ଶୋ'ର ଏକ ଟାସ୍କରେ ହାରି 'ଆଉଟ୍ ରିଙ୍ଗ୍' କୋନ୍‌କୁ ଆସିବା ପରେ ରାଗପ୍ରବଣ ହୋଇ ଶ୍ରେୟା ଅନ୍ୟ ଜଣେ ପ୍ରତିଯୋଗୀ ମୁନ୍ନୱର ଫାରୁକୀଙ୍କ ଆଗରେ ନିଜର କ୍ରୋଧ ପ୍ରକାଶ କରି ଏହା ପ୍ରକାଶ କରିଛନ୍ତି। ହର୍ଷଦଙ୍କୁ ବାହାରେ କେହି କାମ ଦେଉନାହାନ୍ତି।



## ବୟସ ଏକ ସଂଖ୍ୟା

ଅଭିନେତ୍ରୀ ତଥା ମଡେଲ ମୋହଦୀପ କୌର, ସୋଶାଲ ମିଡିଆରେ ଅଳ୍ପ ବୟସକୁ ନେଇ ଏବେ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ବୟସକୁ ନେଇ ଚାଲିଥିବା ଦ୍ୱନ୍ଦ୍ୱର ଅନ୍ତ ସେ ଏଠାରେ ଘଟାଇଛନ୍ତି। ୱିକିପିଡିଆରେ ତାଙ୍କ ବୟସ ୪୩ ବର୍ଷ ବୋଲି ଭୁଲ୍ ତଥ୍ୟ ଥିବା ଦର୍ଶାଇ ମୋହଦୀପ ସ୍ପଷ୍ଟ କରିଛନ୍ତି ଯେ, 'ମୋର ବୟସ ୪୩ ନୁହେଁ ୫୨ ବର୍ଷ। ସେ ବୟସକୁ ଲୁଚାଇବାକୁ ଚାହାନ୍ତି ନାହିଁ ବୋଲି କହିଛନ୍ତି।'

## ଭଲପାଇବା ରହିବ

ଲୋକପ୍ରିୟ ଅଭିନେତା ଗୌରବ ଖାନ୍ନା ଏବଂ ତାଙ୍କ ପତ୍ନୀ ଆକାଂକ୍ଷା ଚାମୋଲାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଥମ ଥର ପାଇଁ ଗୌରବ ଏହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି। 'ଲକ୍ ଅପ୍ ୨' ରିଆଲିଟି ଶୋ'ରେ ଭାଗ ନେଉଥିବା ଆକାଂକ୍ଷାଙ୍କୁ ସେ ନିଜର ସମର୍ଥନ ଜଣାଇଛନ୍ତି। ପାପାରାଜିଙ୍କ ସହ କଥାବାର୍ତ୍ତା ବେଳେ ଅନୁପମା ଫେମ୍ ଗୌରବ କହିଛନ୍ତି ଯେ ସେ ସର୍ବଦା ଆକାଂକ୍ଷାଙ୍କ ସହ ଅଛନ୍ତି ଏବଂ ଶୋ'ରେ ସେ ଭଲ ଖେଳି ବିଜେତା ହୋଇ ଫେରନ୍ତୁ ବୋଲି ଆଶା କରୁଛନ୍ତି। ସେହିପରି ବିଚ୍ଛେଦ ପ୍ରସଙ୍ଗରେ ସିଧାସଳଖ କିଛି କହିନାହାନ୍ତି। ସେମାନେ ବିଗତ ୬ ବର୍ଷ ହେବ ପରସ୍ପରଠାରୁ ଅଲଗା ରହୁଛନ୍ତି।

# ସଲମାନ୍‌ଙ୍କ 'କ୍ରିପ୍ଟିକ' ପୋଷ୍ଟ୍

ବଲିଉଡର 'ଭାଇଜାନ' ସଲମାନ ଖାନ ଅସୁସ୍ଥତା ଗୁଜବକୁ ସମ୍ପୂର୍ଣ୍ଣ ଆଡ଼େଇ ଦେଇ ନିଜର ଏକ ସଦ୍ୟତମ ଜିମ୍ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଫଟୋରେ ସେ ତାଙ୍କର ଦମ୍‌ଦାର ଆବ୍ସ ଓ ବାଇସେପ୍ସ ଦେଖାଇ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ପ୍ରମାଣିତ କରିବା ସହ ଏକ ରହସ୍ୟଜନକ ବାର୍ତ୍ତା ଲେଖିଛନ୍ତି, ଯାହା ଏବେ ସିନେପ୍ରେମୀ ଓ ସାଧାରଣ ଦର୍ଶକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି କରିଛି। ସେ କ୍ୟାପସନରେ ଲେଖିଛନ୍ତି, 'ସଲମାନ ଖାନ ଡରିଗଲେ... ଯିଏ ଭୟ କରେ, ସେ ମରିଯାଏ'। ତାଙ୍କର ଏହି ଗୋଟିଏ ଧାଡ଼ିର ମନ୍ତବ୍ୟ ପଛରେ କେଉଁ କାରଣ ରହିଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସମ୍ପ୍ରତି ଦେଶସାରା ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀମାନେ ନିରନ୍ତର ପ୍ରତିବାଦ କରିଆସୁଛନ୍ତି। ସରକାର ସେମାନଙ୍କ ଦାବି ସ୍ୱୀକାର ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଜିଦ୍ ଧରିଛନ୍ତି। ଏହି ମୂଲ୍ୟବାନ ସାମାଜିକ ସମସ୍ୟା ଉପରେ ସଲମାନ ଆରମ୍ଭରୁ ସ୍ୱର ଉଠାଇ ଛାତ୍ରମାନଙ୍କୁ ସମର୍ଥନ ଜଣାଇଥିଲେ ଏବଂ ଅନ୍ୟ କଳାକାରମାନଙ୍କୁ ମଧ୍ୟ ଏହି ବିଷୟରେ ମୁହଁ ଖୋଲିବାକୁ ନିବେଦନ କରିଥିଲେ, ଯାହା ପାଇଁ ତାଙ୍କୁ ବହୁତ ପ୍ରଶଂସା ମିଳିଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଟ୍ୱିଟ୍ ଆସିବା ପରେ ସଲମାନ ତାଙ୍କର ସ୍ୱର କିଛିଟା ବଦଳାଇଥିଲେ। ସେ ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନିଜେ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଛନ୍ତି, ତେଣୁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହ ସେ ଛାତ୍ରମାନଙ୍କୁ ସେମାନଙ୍କ ପିତାମାତାଙ୍କ ପାଖକୁ ଘରକୁ ଫେରିଯିବାକୁ ନିବେଦନ କରିଥିଲେ। ସେହିପରି ଅନଶନରେ ବସିଥିବା ସୋନମ୍ ୱାଙ୍ଗଚୁକଙ୍କୁ ମଧ୍ୟ ଅନଶନ ଭାଙ୍ଗିବାକୁ ଅନୁରୋଧ କରି ଆବଶ୍ୟକ ପଡ଼ିଲେ ନିଜ ଘରୁ ଖାଦ୍ୟ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। ସଲମାନଙ୍କର ଏହି ଦ୍ୱିତୀୟ ପୋଷ୍ଟ ଆସିବା ପରେ ଅନେକ ନେଟିଜେନ୍‌ସ ଓ ସୋସିଆଲ ମିଡିଆ ବ୍ୟବହାରକାରୀ ତାଙ୍କୁ ସମାଲୋଚନା କରିବା ଆରମ୍ଭ କରିଥିଲେ। କେତେକ ଉପହାସ କରି ଲେଖିଥିଲେ ଯେ ସଲମାନ ଭାଇ ମଧ୍ୟ ସରକାରୀ ଚାପରେ ଭୟଭୀତ ହୋଇଗଲେଣି। ଏହିଭଳି କଟାକ୍ଷ ଓ ଟ୍ରୋଲିଂକୁ ସଲମାନ ସହଜରେ ଗ୍ରହଣ କରିପାରି ନ ଥିବା ମନେହୁଏ।

ନିଜର ଭୟହୀନ ଭାବମୂର୍ତ୍ତି ପାଇଁ ଜଣାଶୁଣା ସଲମାନ ଏହି ନୂତନ ଜିମ୍ ଫଟୋ ସହ 'ଯିଏ ଡରିଗଲା, ସିଏ ମରିଗଲା' ଲେଖି ପରୋକ୍ଷରେ ସେହି ସମାଲୋଚକମାନଙ୍କୁ ହିଁ କଡ଼ା ଜବାବ ଦେଇଛନ୍ତି। ସେ କାହାର ନାମ ସ୍ପଷ୍ଟ ଭାବେ ନ ନେଇଥିଲେ ମଧ୍ୟ ଏହା ଦର୍ଶାଉଛି ଯେ ସେ କୌଣସି ପରିସ୍ଥିତିରେ ଭୟଭୀତ ନୁହଁନ୍ତି।ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ବାର୍ତ୍ତା ପ୍ରକୃତରେ କାହା ଉଦ୍ଦେଶ୍ୟରେ ଏହା କ'ଣ କେବଳ ଟ୍ରୋଲର୍ସମାନଙ୍କୁ କଡ଼ା ଜବାବ ଦେବା ପାଇଁ ଏକ ପ୍ରତିକ୍ରିୟା, ନା ଏହା ଆନ୍ଦୋଳନରତ ଛାତ୍ରମାନଙ୍କୁ ନିଜ ଦାବିରେ ଦୃଢ଼ ରହିବାକୁ ଏକ ନୂଆ ଉତ୍ସାହ, ଅଥବା ଏହା ତାଙ୍କର ଆଗାମୀ ସିନେମାର କୌଣସି ସଂଳାପ ବା ପ୍ରଚାରର ଅଂଶ ? ସଲମାନ ନିଜ ପୋଷ୍ଟରେ ଏହା ସ୍ପଷ୍ଟ କରି ନ ଥିବାରୁ ଏହି ରହସ୍ୟ ବୃଦ୍ଧି ପାଇଛି। ଥାପି, ନିଜର ଦମଦାର ବ୍ୟକ୍ତିତ୍ୱ ଓ ଶରୀର ସୌଷ୍ଟବ ମାଧ୍ୟମରେ ସେ ପୁଣି ଥରେ ଦର୍ଶାଇ ଦେଇଛନ୍ତି ଯେ 'ବଲିଉଡର ଭାଇଜାନ' ସଦାବେଳେ ନିଜ ନିୟମରେ ଜିଅନ୍ତି ଏବଂ କାହାକୁ ଭୟ କରନ୍ତି ନାହିଁ।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ